BOD-5

Block-2

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

**Odisha State Open University**

**Sambalpur**

# ସ୍ନାତକ କାର୍ଯ୍ୟକ୍ରମ

## ଓଡ଼ିଆ (ସମ୍ମାନ)

## ଓଡ଼ିଆ ଭାଷାର ଐତିହାସିକ ବିକାଶକ୍ରମ

### ଓଡ଼ିଆ ଲିପିର ଐତାହାସିକ ବିବର୍ତ୍ତନ

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଓଡ଼ିଆ ସ୍ନାତକ ସମ୍ମାନ କାର୍ଯ୍ୟକ୍ରମ

ପାଠ୍ୟକ୍ରମ - ୫

ଓଡ଼ିଆ ଭାଷାର ଐତିହାସିକ ବିକାଶକ୍ରମ

ବ୍ଲକ୍

## 2 ଓଡ଼ିଆ ଲିପିର ଐତିହାସିକ ବିବର୍ତ୍ତନ

ପ୍ରଥମ ଏକକ

ଲିପିର ପ୍ରାଥମିକ ସ୍ୱରୂପ: ବିଶ୍ୱର ପ୍ରାଚୀନ ତଥା ବହୁଳ ବ୍ୟବହାର ହେଉଥିବା ଲିପି ସମ୍ପର୍କରେ

ଦ୍ୱିତୀୟ ଏକକ

ଭାରତୀୟ ଲିପି: ପ୍ରାଥମିକ ଅବସ୍ଥା,ବିଭିନ୍ନ ଲିପିର ଉଦ୍ଭବ ଓ ବିକାଶ

ତୃତୀୟ ଏକକ

ବ୍ରାହ୍ମୀ ଲିପି: ଉଦ୍ଭବ ଓ ବିକାଶ,ଓଡ଼ିଆ ଲିପି ପର୍ଯ୍ୟନ୍ତ ଏହାର ଗତି

ଚତୁର୍ଥ ଏକକ

ଓଡ଼ିଆ ଲିପି: ଏହାର ପ୍ରାଥମିକ ଅବସ୍ଥା,ବିକଶିତ ରୂପ,ପୂର୍ଣ୍ଣାଙ୍ଗ ରୂପରେଖ, ବର୍ଣ୍ଣମାଳା ଓ ଲିପିର ବର୍ତ୍ତମାନ ସ୍ୱରୂପ

# ଓଡ଼ିଆ ସ୍ନାତକ ସମ୍ମାନ କାର୍ଯ୍ୟକ୍ରମ

## ପାଠ୍ୟକ୍ରମ –୫: ଓଡ଼ିଆ ଭାଷାର ଐତିହାସିକ ବିକାଶକ୍ରମ

## ବ୍ଲକ୍-୨: ଓଡ଼ିଆ ଲିପିର ଐତିହାସିକ ବିବର୍ତ୍ତନ

**ପ୍ରଥମ ସଂସ୍କରଣ: ୨୦୨୦**

**ଲେଖକ**

**ଅଧ୍ୟାପକ ଶଙ୍କର ତ୍ରିପାଠୀ**

ଓଡ଼ିଆ ବିଭାଗ ଏମ୍.ଜି.ଏମ୍ ମହାବିଦ୍ୟାଳୟ,

ପୂବା ଶାସନ, କୌଶଲ୍ୟାଗଙ୍ଗ, ଭୁବନେଶ୍ୱର

**ସମୀକ୍ଷକ**

**ପ୍ରଫେସର ସନ୍ତୋଷ କୁମାର ରଥ**

ଭୀମ ଭୋଇ ରିସର୍ଚ୍ଚ ଚେୟାର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର

**ଡି.ଟି.ପି**

**ଅଧ୍ୟାପକ ଶଙ୍କର ତ୍ରିପାଠୀ**

**ପ୍ରଚ୍ଛଦ ଓ ଅଲଙ୍କରଣ**

**ନିଶାନ୍ତ ପୁରୋହିତ, ରାଧାକାନ୍ତ ସୁନା ଏବଂ ଧନଶ୍ରୀ ମିଶ୍ର**

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।

## ପ୍ରକାଶକ

ଡ.ମାନସ ରଞ୍ଜନ ପୂଜାରୀ

କୁଳସଚିବ

*ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ*

(CC) OSOU, 2020 **Odia Lipira Aitihasika Bibartana** is made available under a Creative Commons Attribution-ShareAlike 4.0http : creative commons.org/ licences/by-sa/4.0

# ପ୍ରଥମ ଏକକ

# ଲିପିର ପ୍ରାଥମିକ ସ୍ୱରୂପ:ବିଶ୍ୱର ପ୍ରାଚୀନ ତଥା ବହୁଳ ବ୍ୟବହାର ହେଉଥିବା ଲିପି ସଂପର୍କରେ

**ବିଷୟ ଗଠନ:**


୧.୧ ପଠନର ଉଦ୍ଦେଶ୍ୟ

୧.୨ ଶିକ୍ଷଣୀୟ ବିଷୟ

୧.୩ ବିଷୟ ପ୍ରବେଶ

୧.୪ ବିଶ୍ୱଲିପି ଓ ଏହାର ବିକାଶ ଧାରା

୧.୫ ବିଶ୍ୱର ପ୍ରଥମ ଲିପି, ପ୍ରାଚୀନ ତଥା ବହୁଳ ବ୍ୟବହୃତ ଲିପି, ଏହାର ଆକୃତି, ଭାଷା, ପ୍ରାପ୍ତିସ୍ଥାନ ଓ ବିକାଶ।

୧.୬ ସାରାଂଶ

୧.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧.୮ ସହାୟକ ଗ୍ରନ୍ଥସୂଚୀ


## ୧.୧ ପଠନର ଉଦ୍ଦେଶ୍ୟ

ସମସ୍ତ ବକ୍ତବ୍ୟର ଲିଖିତ ରୂପକୁ ସାର୍ଥକ କରେ ଲିପି। ଏଣୁ ଇତିହାସ, ବିଜ୍ଞାନ, ସାହିତ୍ୟ ସବୁକ୍ଷେତ୍ରରେ ଲିପିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅର୍ଥାତ୍ ପ୍ରତ୍ୟେକ ଲିଖିତ ବ୍ୟବସ୍ଥା ପାଇଁ ଲିପି ଅପରିହାର୍ଯ୍ୟ। ସମଗ୍ର ବିଶ୍ୱରେ ବିଭିନ୍ନ ଦେଶର ନିଜସ୍ୱ ଲିପି ରହିଛି। କୌଣସି ବିଷୟରେ ଆଲୋଚନା କଲାବେଳେ ଆମକୁ ସେ ସଂପର୍କରେ ବିସ୍ତୃତ ଭାବେ ଜାଣିବା ଦରକାର। ସେହି ଦୃଷ୍ଟିରୁ ବିଶ୍ୱ ଲିପି ସମ୍ପର୍କରେ ଆଲୋଚନା କଲାବେଳେ ଏହାର ଉତ୍ପତ୍ତି, ବିକାଶ, ବିଭିନ୍ନତା ଆଦି ବିଷୟରେ ଜାଣିବା ଦରକାର। ଗୋଟିଏ ଲିପି ଅନ୍ୟ ଲିପିଠାରୁ ଭିନ୍ନ। କିନ୍ତୁ ଭିନ୍ନତା ସତ୍ତ୍ୱେ ଏମାନଙ୍କ ମଧ୍ୟରେ କେତେକ ସାମଞ୍ଜସ୍ୟ ମଧ୍ୟ ରହିଛି, ଯାହା ବିଦ୍ୟାର୍ଥୀମାନେ ଏହି ଅଧ୍ୟାୟରେ ଜାଣିବେ। ବିଶ୍ୱର କେତେକ ସମୃଦ୍ଧ ତଥା ବହୁଳ ବ୍ୟବହୃତ ଲିପି ଓ ଭାଷା ସଂପର୍କରେ ଏହି ଏକକରେ ଆଲୋଚନା କରାଯାଇଛି, ଯାହା ବିଦ୍ୟାର୍ଥୀମାନଙ୍କ ପାଇଁ ଅଧିକ ଉପାଦେୟ ହେବ। ସେମାନେ ସମୃଦ୍ଧ ଲିପିମାନଙ୍କର ଐତିହାସିକ, ଭୌଗୋଳିକ ସ୍ଥିତି ସଂପର୍କରେ ଅବଗତ ହେବେ। ବିଶ୍ୱର ବିଭିନ୍ନ ଦେଶ ଓ ଏହାର ଲିପିର ପ୍ରାଚୀନତା, ମୌଳିକତା, ବିକାଶ ଓ ସ୍ୱତନ୍ତ୍ରତା ସମ୍ପର୍କରେ ଅଧିକ ସ୍ପଷ୍ଟ ହୋଇପାରିବେ। ବିଶ୍ୱ ଲିପି ସଂପର୍କରେ ଉପଯୁକ୍ତ ଭାବରେ ବୁଝିବା ଓ ଭାରତୀୟ ଲିପିର ବିକାଶ ଓ ସ୍ୱତନ୍ତ୍ରତା ଦୃଷ୍ଟିରୁ ଏହାର ଆକଳନ କରିବା ଦରକାର। ସେଥିପାଇଁ ଏହି ଏକକରେ ବିଦ୍ୟାର୍ଥୀମାନଙ୍କୁ ସେ ସମସ୍ତ ବିଷୟରେ ସଂକ୍ଷେପରେ ଅବଗତ କରାଇବାର ପ୍ରୟାସ କରାଯାଇଛି।

## ୧.୨ ଶିକ୍ଷଣୀୟ ବିଷୟ

ଏହି ଅଧ୍ୟାୟ ପଠନ ମାଧ୍ୟମରେ ବିଦ୍ୟାର୍ଥୀମାନେ ନିମ୍ନଲିଖିତ ବିଷୟରେ ଅବଗତ ହେବେ:-

- ଲିପି କାହାକୁ କହନ୍ତି ଓ ଏହାର ମୌଳିକ ବିଶେଷତ୍ୱଟି କ'ଣ ?
- ଲିପିର ପୁରାତନତା ସଂପର୍କରେ ଜାଣିପାରିବେ। ଏହି କ୍ରମରେ ବିଶ୍ୱଲିପି ଓ ଏହାର ବିକାଶଧାରା ସଂପର୍କରେ ଅବଗତ ହେବେ।
- ଲିପି ଓ ଭାଷାର ବିବର୍ତ୍ତନ ସମ୍ପର୍କରେ ଜାଣିପାରିବେ।
- ଅତୀତରୁ ବର୍ତ୍ତମାନ ପର୍ଯ୍ୟନ୍ତ ଏକ ପର୍ଯ୍ୟାୟ କ୍ରମିକ ଲିପି ଓ ଏହାର ବ୍ୟବହାର ସଂପର୍କରେ ବୁଝିବେ।
- ଲିପି ଆଜି କେତେ ଦରକାରୀ ଓ ଏହାର ପ୍ରାଚୀନତା ସଂପର୍କରେ ଜାଣିପାରିବେ।
- ବିଶ୍ୱରେ ବ୍ୟବହୃତ ଉନ୍ନତ ଓ ସମୃଦ୍ଧ ଲିପି ସହିତ ବିଶ୍ୱରେ ବହୁଳ ବ୍ୟବହୃତ ଲିପି ସଂପର୍କରେ ଅବଗତ ହେବେ।

## ୧.୩ ବିଷୟ ପ୍ରବେଶ

ବିଶ୍ୱର ପ୍ରାୟ ସମସ୍ତ ଛୋଟ ବଡ଼ ଦେଶର ନିଜସ୍ୱ ଲିପି ରହିଛି। ଅଧିକାଂଶ ଲିପି ସେହି ଦେଶମାନଙ୍କର ନିଜସ୍ୱ ସୃଷ୍ଟି। ଅନ୍ୟ କେତେକ ନିକଟବର୍ତ୍ତୀ ଦେଶ, ଜାତି ଓ ସଭ୍ୟତା ଦ୍ୱାରା ପ୍ରଭାବିତ। ଲିପି ଭାଷାକୁ ଓ ଭାଷା ଲିପିକୁ ଚିହ୍ନିତ କରି ନିଜର ସ୍ୱତନ୍ତ୍ରତା ଓ ମୌଳିକତା ପ୍ରତିପାଦନ କରିଥାନ୍ତି। ଭାଷା ସହିତ ଲିପି ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ପ୍ରତ୍ୟେକ ଦେଶର ନାଗରିକ ତା'ର ମାତୃଭାଷାରେ କହିବା ଓ ଲେଖିବାକୁ ସହଜ ମଣିଥାଏ। ତେଣୁ ତା ନିଜ ଲିପିରେ ସେ ଦକ୍ଷତା ଅର୍ଜନ କରିବା ସ୍ୱାଭାବିକ। କିନ୍ତୁ ପରିବର୍ତ୍ତିତ ସମୟ ଓ ପରିସ୍ଥିତିରେ ବିଶ୍ୱ ଏକ ପରିବାରରେ ରୂପାନ୍ତରିତ ହେବା ଫଳରେ ସମସ୍ତ ଦେଶ ନିଜ ଭାଷାର ଲିପି ସହିତ ଅନ୍ୟ ଗୋଟିଏ ଦୁଇଟି ଭାଷା ଓ ଲିପିକୁ ଜାଣିବାକୁ ବାଧ ହେଉଛନ୍ତି। ତେବେ ମୂଳକଥାଟି ହେଉଛି ସମଗ୍ର ବିଶ୍ୱରେ ସବୁଦେଶ ନିଜନିଜ ଲିପି ପାଇଁ ଗର୍ବ ଅନୁଭବ କରନ୍ତି ଓ ତାହାକୁ ବ୍ୟବହାର କରି ସାହିତ୍ୟରୁ ବିଜ୍ଞାନ ପର୍ଯ୍ୟନ୍ତ ସବୁ ରଚନା କରିଥାନ୍ତି। ଆମେ ବିଶ୍ୱର କେତେକ ପ୍ରମୁଖ ସମୃଦ୍ଧ ଦେଶର ଲିପିମାନଙ୍କ ସୃଷ୍ଟି, ଆକାର, ପ୍ରକୃତି ଓ ବିଶେଷତ୍ୱକୁ ଆଲୋଚନା କରିବା। କେଉଁ ଲିପି ଅଧିକ ପ୍ରାଚୀନ, କେଉଁ ଲିପିକୁ ବିଶ୍ୱର ଅଧିକ ଲୋକ ବ୍ୟବହାର କରନ୍ତି, ସେ ସମସ୍ତ କଥା ଏହି ଏକକରେ କୁହାଯାଇଛି। ବିଶ୍ୱ ତଥା ଭାରତର କେଉଁ ଲିପି ଓ ଭାଷା ଅଧିକ ଗୁରୁତ୍ୱପୂର୍ଣ୍ଣ ସେ ସଂପର୍କରେ ବିଶଦ ଆଲୋଚନା କରିବା ଅଧିକ ପ୍ରାସଙ୍ଗିକ ଅଟେ। ଭାରତର ପ୍ରାଚୀନ ଲିପି ଭାବରେ 'ଦେବନଗରୀ' ଅନ୍ୟତମ ପ୍ରମୁଖ ଲିପି। ତେବେ ଏହି ଏକକରେ ଆମେ ସୁମେରିଆନ୍, ଲାଟିନ୍, ଆରବିକ୍, ଚାଇନିଜ, ରୋମାନ୍ ଲିପି ଓ ଭାଷା ସଂପର୍କରେ ଜାଣିବାର ସୁଯୋଗ ପାଇବା।

# ୧.୪ ବିଶ୍ୱଲିପି ଓ ଏହାର ବିକାଶ ଧାରା

ଲିପି ସମଗ୍ର ବିଶ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ବିଭବ। ମୁହଁର ଭାଷା ଓ ଭାବକୁ ଏହା ସ୍ଥାୟୀରୂପ ପ୍ରଦାନ କରେ। ବିଶ୍ୱର ବିଭିନ୍ନ ସ୍ଥାନରେ ଏହାର ଆକୃତି ଭିନ୍ନ ଭିନ୍ନ ପ୍ରକାରର। ଏହା ହିଁ ତା'ର ବୈଶିଷ୍ଟ୍ୟ ଓ ମୌଳିକତା। ଘଟଣା ଇତିହାସ ହୁଏ। ଇତିହାସ ମୂଲ୍ୟବାନ ଓ ଦରକାରୀ ହୁଏ ଆଗାମୀ ପୀଢ଼ୀ ପାଇଁ। ସେହି ମୂଲ୍ୟକୁ ବଂଚାଇ ରଖେ ଲିଖିତ ବ୍ୟବସ୍ଥା। ମୌଖିକ ବ୍ୟବସ୍ଥାରେ ଆମେ ଅତୀତର ଗୁରୁତ୍ୱପୂର୍ଣ୍ଣ କଥା ଶୁଣୁ ଓ ମନେ ରଖୁ। କିନ୍ତୁ ପରବର୍ତ୍ତୀ ସମୟରେ କହିଲାବେଳେ ସେଥିରେ ନିଜ ଚିନ୍ତା, ଭାବ ଆଦି ମିଶିଯାଏ। ଯାହା ମୂଳ ବିଷୟକୁ ଭିନ୍ନ ମୋଡ଼ ଦିଏ, ସତ୍ୟତା ହରାଏ। କିନ୍ତୁ ଲିପି ମାଧ୍ୟମରେ ସାଇତା କଥା ଅର୍ଥାତ୍ ଲିଖିତ ବ୍ୟବସ୍ଥାକୁ ସହଜରେ ବଦଳାଇ ହୁଏ ନାହିଁ। ଏଣୁ ଲିଖିତ ବ୍ୟବସ୍ଥା ହିଁ ଐତିହାସିକ ସତ୍ୟ ପାଇଁ ଅଧିକ ବିଶ୍ୱସ୍ତ ମାଧ୍ୟମ। ଏଣୁ ସମଗ୍ର ବିଶ୍ୱରେ ଲିପିର ଭୂମିକା ଗୁରୁତ୍ୱପୂର୍ଣ୍ଣ।

ଭାଷାକୁ ସଂରକ୍ଷଣ କରିବାରେ ଲିଖନ କଳାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ବ୍ୟବହୃତ ହୁଏ ଲିପି। ଏହି ଲିପିର ସଂଜ୍ଞା, ସ୍ୱରୂପ, ପ୍ରାଚୀନତା, ଆବିଷ୍କାର ସହିତ ଇତିହାସ ସମ୍ପର୍କରେ ଜାଣିବା ଏକାନ୍ତ ଜରୁରୀ। ଆମ ଆଲୋଚନାର ବ୍ୟାପକତା ଦୃଷ୍ଟିରୁ ଆମେ ପୃଥିବୀରେ ବ୍ୟବହୃତ କେତେକ ଲିପି ସମ୍ପର୍କରେ ଜ୍ଞାନ ଅର୍ଜନ କରିବା। ଏହି କ୍ରମରେ ଓଡ଼ିଆ ଲିପିର ଇତିହାସ ଓ ବିବର୍ତ୍ତନ ସମ୍ପର୍କରେ ଜ୍ଞାନ ଅର୍ଜନ କରିବା। ଏହି କ୍ରମରେ ଓଡ଼ିଆ ଲିପିର ଇତିହାସ ଓ ବିବର୍ତ୍ତନ ସଂପର୍କରେ ମଧ୍ୟ ଜାଣିବା। ଲିପିର ସହଜ ଅର୍ଥ ହେଲା ଲିଖନ ବା ଚିତ୍ର କରିବା। ଚିତ୍ର କରିବା ଅର୍ଥ ଆମେ ପଶୁପକ୍ଷୀ, ଫୁଲଫଳର ଚିତ୍ର କଲେ ଦର୍ଶକ ବା ପାଠକ ଯେପରି ସେହି ଜୀବ ବା ଜିନିଷକୁ ବୁଝିଥାଏ, ଠିକ୍ ସେହିପରି ଲିପିର ଆକୃତିକୁ ଲକ୍ଷ୍ୟ କରି ସେହି ଜୀବ ବା ଜିନିଷକୁ ବୁଝିଥାଏ, ଠିକ୍ ସେହିପରି ଲିପିର ଆକୃତିକୁ ଲକ୍ଷ୍ୟ କରି ସେହି ଲିପିଟି ଯେଉଁ ଅର୍ଥ ବା ଭାବ ପ୍ରକାଶ ପାଇଁ ଉଦ୍ଦିଷ୍ଟ ତାହା ବୁଝିଥାଏ।

ପ୍ରତ୍ୟେକ ଭାଷାର ନିଜସ୍ୱ ଲିପି ରହିଛି। ଏଣୁ ଲିପି ଓ ଭାଷା ଅଲଗା ଅଲଗା ତତ୍ତ୍ୱ ଆଧାରିତ କଥା। ଅର୍ଥାତ ବକ୍ତା ଭାଷାକୁ କହନ୍ତି। କିନ୍ତୁ କୁହାଯାଉଥିବା ଭାଷାକୁ ଲେଖିଲେ ତାହା ଲିପିର ମାନ୍ୟତା ପାଏ ବା ଲିପି ମାଧ୍ୟମରେ ପ୍ରକାଶ କରାଯାଏ। ଅର୍ଥାତ୍ ଗୋଟିଏ ଭାଷାର କଥାକୁ ଭିନ୍ନ ଭିନ୍ନନ ଲିପିରେ ଲେଖାଯାଇପାରେ। ବିଶ୍ୱରେ ବ୍ୟବହୃତ ଲିପିମାନଙ୍କ ସଂଖ୍ୟା ଅନେକ ହୋଇଥିଲେ ମଧ୍ୟ ମାତ୍ର ତିନି ପ୍ରକାର ଲିପିର ପ୍ରଚଳନ ହିଁ ପ୍ରଥମ ଅବସ୍ଥାରେ ହୋଇଥିଲା। ସେଗଡ଼ିକ ହେଲା – (କ) ଚିତ୍ରଲିପି - ଯାହା ଚାଇନିଜ୍, ଜାପାନୀ, କୋରୀୟ ଆଦି ଆଦି ଭାଷାର ଲିଖନରେ ବ୍ୟବହୃତ ହେଉଅଛି। (ଖ) ବ୍ରାହ୍ମୀରୁ ଉତ୍ପନ୍ନ ଲିପି – ଏହା ଦକ୍ଷିଣ ଏସିଆ ଓ ଦକ୍ଷିଣ - ପୂର୍ବ ଏସିଆରେ ବ୍ୟବହୃତ ହେଉଥିବା ଲିପି। (ଗ) ବ୍ୟୁତ୍ପନ୍ନ ଲିପି – ଏହା ୟୁରୋପୀୟ, ମଧ୍ୟ - ଏସିଆ ଏବଂ ଉତ୍ତର - ଆଫ୍ରିକାରେ ବ୍ୟବହୃତ ଭାଷାର ଲିପି ଭାବରେ ଗ୍ରହଣ କରାଯାଏ। ବ୍ୟୁତ୍ପନ୍ନ ଲିପିକୁ ଫୋନେସିୟନ୍ ଲିପି ଭାବରେ ବୁଝାଯାଏ। ଏକ ରେଖାଚିତ୍ର ମାଧ୍ୟମରେ ଆମେ ଏହାକୁ ବୁଝିପାରିବା।

ଲିପି

- ଚିତ୍ରଲିପି → ଚିନ୍, କୋରୀଆ, ଜାପାନ୍ ଭାଷାର ଲିପି
- ବ୍ରାହ୍ମୀଲିପି → ଭାରତର ବିଭିନ୍ନ ପ୍ରଦେଶର ଲିପି
- ବ୍ୟୁତ୍ପନ୍ନ ନା ଫୋନେସିୟନ୍ ଲିପି → ୟୁନାନୀ ଓ ଆରବ ଆଦି ଲିପିର ସୃଷ୍ଟି

ମଣିଷକୁ ନିଜ ବିଚାର, ଚିନ୍ତା, ଇଚ୍ଛା ଓ ଭାବକୁ ସାଇତି ରଖିବା ପାଇଁ ଲିପିର ଆବିଷ୍କାର କରିବାକୁ ପଡ଼ିଛି। ଖ୍ରୀଷ୍ଟପୂର୍ବ ଦଶମ (୧୦ମ) ଶତାବ୍ଦୀ ବେଳକୁ ପ୍ରଥମ କରି ବର୍ଣ୍ଣନାତ୍ମକ ଲିପିର ଜନ୍ମ ହୋଇଛି। ସମୟକ୍ରମେ ଅନେକ ପୁରାତନ ଲିପିର ବ୍ୟବହାର ନ ହେବା ଯୋଗୁଁ କାଳଗର୍ଭରେ ତାହା ଲୀନ ହୋଇଯାଇଛି। ତେବେ ସୁମେରିଆରେ ପ୍ରାୟ ଚାରିହଜାର (୪୦୦୦) ବର୍ଷ ପୂର୍ବରୁ ଲେଖିବା ଆରମ୍ଭ ହୋଇଥିଲା। ସୁମେରୀୟମାନଙ୍କ ଦ୍ୱାରା ରଚିତ 'ଗିଲ୍‌ଟାମେସ' ମହାକାବ୍ୟ ଏହାର ପ୍ରମାଣ ଅଟେ। ପରେ ସୁମେରୀୟମାନଙ୍କ ଲିଖନକଳାକୁ ବାବିଲୋନୀୟମାନେ ଓ ବାଣିଜ୍ୟ ବ୍ୟବସାୟର ବିକାଶ ଫଳରେ ମେସୋପଟାମିଆର ଲୋକମାନେ ଏହି ଲିଖନକଳାର ବିକାଶ ଘଟାଇଲେ।

ସାହିତ୍ୟ, ବିଜ୍ଞାନ, ଇତିହାସ ଓ ଅନ୍ୟାନ୍ୟ ବିଷୟ ଦୃଷ୍ଟିରୁ ବିଶ୍ୱର କେତେକ ଦେଶ ସମୃଦ୍ଧ ତଥା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ସେମାନଙ୍କ ମଧ୍ୟରେ ରୋମ, ଗ୍ରୀକ୍, ଇଜିପଟ, ଆରବ, ଲାଟିନ୍-ଆମେରିକା, ସୁମେରିଆ, ଚୀନ୍ ଓ ଭାରତ ଆଦି ଦେଶ ପ୍ରମୁଖ। ଅନୁରୂପ ଭାବରେ ଲିପିର ବିକାଶ କ୍ଷେତ୍ରରେ ଏହି ଦେଶମାନଙ୍କ ସ୍ଥାନ ଗୁରୁତ୍ୱପୂର୍ଣ୍ଣ। କେତେକ ଲିପିକୁ ବିଶ୍ୱର ପ୍ରାଚୀନ ଲିପି ଭାବେ ଗ୍ରହଣ କରାଯାଉଥିବାବେଳେ ଅନ୍ୟକେତେକ ଲିପି ଓ ଭାଷାକୁ ବିଶ୍ୱର ବହୁଳ ବ୍ୟବହୃତ ଭାଷାଭାବରେ ଗ୍ରହଣ କରାଯାଏ। ଇତିହାସରୁ ଏହାର ପ୍ରମାଣ ମିଳେ। ଲିପି ବିଶେଷଜ୍ଞମାନଙ୍କ ମତରେ ବିଶ୍ୱର ସମସ୍ତ ଦେଶର ଲିପିର ପ୍ରାଥମିକ ଅବସ୍ଥା ଚିତ୍ରଲିପି ଅଟେ। କାଳକ୍ରମେ ପ୍ରତ୍ୟେକ ଅଂଚଳ ବା ଦେଶ ନିଜନିଜ ଲିପିରେ ପରିବର୍ତ୍ତନ ଆଣି ଏହାକୁ ଏକ ପୂର୍ଣ୍ଣାଙ୍ଗ ରୂପ ପ୍ରଦାନ କଲେ।

## ୧.୫ ବିଶ୍ୱର ପ୍ରଥମ ଲିପି, ପ୍ରାଚୀନ ତଥା ବହୁଳ ବ୍ୟବହୃତ ଲିପି, ଏହାର ଆକୃତି, ଭାଷା, ପ୍ରାପ୍ତିସ୍ଥାନ ଓ ବିକାଶ

ଲିଖିତ ଦସ୍ତାବିଜ୍ ବା ଲିଖିତ ବ୍ୟବସ୍ଥା ହିଁ ବ୍ୟକ୍ତିର ସମସ୍ତ କଥା ବା କାର୍ଯ୍ୟକୁ ଜୀବନ୍ତ କରି ରଖେ। ଏଣୁ ମାନବ ସଭ୍ୟତା ପାଇଁ ଲିଖିତ ଇତିହାସର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯାହା ଲିପି ବିନା ସମ୍ଭବ ନୁହେଁ। ବିଶ୍ୱର ସମସ୍ତ ସଭ୍ୟତାର ପ୍ରାଥମିକ ସ୍ତରର ଲିଖିତ ରୂପଟି ହେଉଛି ଛବି ବା ଚିତ୍ର। ଲିପି ବିଶେଷଜ୍ଞ ମାନେ ବିବେଚନା କରନ୍ତି ଯେ, ସବୁ ଭାଷାରେ ପ୍ରଥମେ ଚିତ୍ରଲିପି ଦ୍ୱାରା ହିଁ ମଣିଷ ନିଜ ମନର ଭାବକୁ ପ୍ରକାଶ କରୁଥିଲା। ରଚନା କ୍ଷେତ୍ରରେ ଏହି ଚିତ୍ର ଲିପି ହିଁ ମାନବ ସଭ୍ୟତାର ଉନ୍ନତି ପଥରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ପ୍ରାଚୀନତମ ଲିଖନ ପ୍ରଣାଳୀଠାରୁ ଅତ୍ୟାଧୁନିକ ସମୟର Technology

ପର୍ଯ୍ୟନ୍ତ ଲିପି - ପ୍ରସ୍ତରଖଣ୍ଡ, ଗୁମ୍ଫା, ଧାତବ ପଦାର୍ଥ, ମାଟି, ବୃକ୍ଷର ବଲ୍କଳ, ଇଟା ବା ପଥର ଖଣ୍ଡରେ ଆତ୍ମପ୍ରକାଶ କରି ବର୍ତ୍ତମାନର (pen, paper, computer & smart phone) ପେନ୍, ପେପର, କମ୍ପ୍ୟୁଟର ଓ ସ୍ମାର୍ଟ ଫୋନ ପର୍ଯ୍ୟନ୍ତ ଗତି କରିଛି। ଲିପି ବ୍ୟବହାରର ଏହି ସୁଦୀର୍ଘ ଓ ପ୍ରଶସ୍ତ ପଥରେ ଗତି କରିବା ଦ୍ୱାରା ଆଜି ବିଶ୍ୱବ୍ୟାପୀ ପ୍ରାୟ ୩୮୬୬ଟି ଉନ୍ନତ ବା ସମୃଦ୍ଧ ଲିଖନ ପ୍ରଣାଳୀ ରହିଛି।

ଲିପି ଓ ଭାଷାର ବିବର୍ତ୍ତନ ସଂପର୍କରେ ଆଲୋଚନା କଲାବେଳେ ଆମେ ଜାଣିବାକୁ ପାଉଛନ୍ତି ଯେ, ବ୍ୟକ୍ତି ପ୍ରଥମେ ଚିତ୍ର ଓ ପରେ ଚିତ୍ର ସହିତ କେତେକ ଅକ୍ଷର ଲେଖିବାକୁ ଲାଗିଲା। ଏହାପରେ ଚିତ୍ର ଛାଡ଼ି କେବଳ ଅକ୍ଷର ଲେଖିଲା। ଶେଷରେ ବର୍ଷବର୍ଷର ପ୍ରଚେଷ୍ଟା ଦ୍ୱାରା ଅକ୍ଷରକୁ ଏକ ନିର୍ଦ୍ଦିଷ୍ଟ ରୂପ ଦେଲା। ସେହି ରୂପ ସ୍ଥାୟୀ ଭାବରେ ଏକଏକ ଭାଷାର ସ୍ୱତନ୍ତ୍ର ଲିପି ଭାବରେ ପରିଚିତ ହେଲା। ତେବେ ଭାବ ଓ ବକ୍ତବ୍ୟକୁ ରୂପ ପ୍ରଦାନ କରୁଥିବା ଲିଖନ ବ୍ୟବସ୍ଥାକୁ ବା ଲିପିକୁ ସମଗ୍ର ବିଶ୍ୱରେ ତିନୋଟି ସ୍ତରରେ ବିଭକ୍ତ କରାଯାଏ।


ପ୍ରଥମଟି ବର୍ଣ୍ଣମାଳା ଶୈଳୀ ବା Alphabetic, ଦ୍ୱିତୀୟଟି ପଦାଂଶରେ ଗଠିତ ଲିପି ବା Syllabic, ତୃତୀୟଟି ପ୍ରତୀକ ବା ଚିହ୍ନ ଲିପି ବା ଖୋଦନକଳା ସମ୍ବନ୍ଧୀୟ ଲିପି ବା Logographic ।

(କ) **ବର୍ଣ୍ଣମାଳା ଶୈଳୀ :** ଗ୍ରୀକ୍ ଭାଷାରେ ଇକ୍ଷକ୍ଷବ ଅର୍ଥ ବର୍ଣ୍ଣମାଳାର ପ୍ରଥମ ଅକ୍ଷର। କିନ୍ତୁ ଏହିଠାରେ ଏହାର ଅର୍ଥ ନିର୍ଦ୍ଦିଷ୍ଟ ଭାବରେ ସଜ୍ଜିତ ଅକ୍ଷର ସମୂହ, ଯାହା ଏକ ପ୍ରତୀକ ଭାବରେ ଦେଖାଯାଆନ୍ତି। ଯାହା ଉଚ୍ଚାରଣ କଲେ ଏକ ନିର୍ଦ୍ଦିଷ୍ଟ ଶବ୍ଦ ବା sound ସୃଷ୍ଟି ହୁଏ। ଉଚ୍ଚାରଣ ଓ ଅର୍ଥକୁ ଦୃଷ୍ଟିରେ ରଖି ଏହି ବର୍ଣ୍ଣଗୁଡ଼ିକୁ ସଜାଇ ଲେଖାଯାଏ। ଯାହା ଶବ୍ଦ, ପଦ ବା ବାକ୍ୟରେ ପରିଣତ ହୋଇ ଅର୍ଥ ପ୍ରକାଶ କରନ୍ତି। ଏଗୁଡ଼ିକର ନମୂନା ଇ, ଈ, ଉ।

(ଖ) **ପଦାଂଶରେ ଗଠିତ ଲିପି:** ଏହା ମୁଖ୍ୟତଃ କୋରିଆନ୍ ବ୍ୟଞ୍ଜନ ବର୍ଣ୍ଣ ଭାବରେ ପରିଚିତ। ଏହା ଗୋଟିଏ ଲିପି ଏକ ବା ଏକାଧିକ ପଦର ଅର୍ଥ ପ୍ରକାଶ କରନ୍ତି କିମ୍ବା ଏହି ପଦାଂଶଗୁଡ଼ିକୁ ଏକ ସମୟରେ ଉଚ୍ଚାରିତ ଅକ୍ଷରମାନଙ୍କ ଧ୍ୱନି ଭାବରେ ବୁଝାଯାଏ। ଅର୍ଥାତ୍ ଗୋଟିଏ କୋରିଆନ୍ ବ୍ୟଞ୍ଜନ ବର୍ଣ୍ଣ ବର୍ଣ୍ଣମାଳାର ଅକ୍ଷରମାନଙ୍କ ଠାରୁ ଅଧିକ ଅର୍ଥ ପ୍ରକାଶ କରେ। ଉଦାହରଣ ସ୍ୱରୂପ: କୋରିଆର ଏହି ଲିପିଟିର ଅର୍ଥ ଚାଉଳ ବା କିସମର ଅଟେ। ଯାହାର ଆଂଚଳିକ ଉଚ୍ଚାରଣ 'ବାପ' ('bap')।

(ଗ) **ପ୍ରତୀକ ବା ଚିହ୍ନ ଲିପି:** ଏହା ଏପରି ଲିପି ଯାହାକୁ ସର୍ବାଧିକ ଅର୍ଥ ପ୍ରକାଶକାରୀ ଅକ୍ଷର ଭାବରେ ଗ୍ରହଣ କରାଯାଏ। ଏହାର ଗୋଟିଏ ବା ଦୁଇଟି ଅକ୍ଷର ବ୍ୟକ୍ତିର ପୁରା ବିଚାରକୁ ସ୍ପଷ୍ଟ କରେ। କିନ୍ତୁ ଗୋଟିକିଆ ବା (single sound) ଶବ୍ଦ (phonology) ସୃଷ୍ଟି କରେ ନାହିଁ। ଅର୍ଥାତ୍ ଚୀନ୍ ଓ ଅନ୍ୟ କେତେକ ଦେଶ ବ୍ୟବହାର କରୁଥିବା ଲିପିଗୁଡ଼ିକ ଶବ୍ଦ ବା ପଦ୍‌ର ସମାହାର ଅଟନ୍ତି। ଉଦାହରଣ ସ୍ୱରୂପ: (ସାଙ୍ଗାଇ-chinese characters for 'Shanghai')।

ସମଗ୍ର ବିଶ୍ୱରେ ଗୋଟି ଗୋଟି ଲିପି ବା ଅକ୍ଷର, ଏକାଧିକ ଲିପିର ସମଷ୍ଟି ବା ବ୍ୟଞ୍ଜନ ବର୍ଣ୍ଣ ଓ ଶବ୍ଦ ବା ପଦ ପାଇଁ ଏକ ମିଶ୍ରିତ ରୁପ ବା ଲିପି ବ୍ୟବହାର କରାଯାଏ।




ଚିତ୍ର ପୃଷ୍ଠା - ବିଶେଷ ଦ୍ରଷ୍ଟବ୍ୟ: Google Link ଏବଂ ବିଶ୍ୱଭାରତୀ ଶାନ୍ତିନିକେତନ ରୁ ସଂଗୃହିତ ।

- **ବିଶ୍ୱର ସବୁଠାରୁ ଅଧିକ ଜନପ୍ରିୟ ଲିପି:**

  ବିଶ୍ୱରେ ବ୍ୟବହାର କରାଯାଉଥିବା ସମସ୍ତ ଭାଷାର ଲିପିକୁ ମୁଖ୍ୟତଃ ତିନି ଭାଗରେ ବିଭକ୍ତ କରାଯାଏ । ଯଥା: (କ) ଲୋଗୋଗ୍ରାମ, (ଖ) ସିଲାବେରୀ (ପଦାଂଶରେ ଗଠିତ ଅକ୍ଷର), (ଗ) ଆଲଫାବେଟ୍ (ବର୍ଣ୍ଣମାଳା) । ପ୍ରତ୍ୟେକ ବର୍ଣ୍ଣମାଳାର ବର୍ଣ୍ଣ ଏକ ଶବ୍ଦ ସୃଷ୍ଟି କଲେ ମଧ୍ୟ ପୂର୍ଣ୍ଣ ଅର୍ଥ ପ୍ରକାଶ କରନ୍ତି ନାହିଁ । ଏମାନେ ମିଶି ଶବ୍ଦାଂଶ ପଦାଂଶ ମାଧ୍ୟମରେ ଅର୍ଥ ପ୍ରକାଶ କରନ୍ତି ।

(୧) **ଲାଟିନ୍ :-** ଲାଟିନ୍ ଭାଷାର ଲିପି ହେଉଛି ଏକ ବର୍ଣ୍ଣମାଳା ବା ଅକ୍ଷର ସଦୃଶ । ବିଶ୍ୱର ସତୁରୀ (୭୦%) ଭାଗ ଲୋକ ଏହି ଲିପି, ଭାଷା ଓ ବର୍ଣ୍ଣମାଳା ସହିତ ପରିଚିତ । ଏଗୁଡ଼ିକ ଛବିଶ (୨୬) ଗୋଟି ଅକ୍ଷରରେ ସୀମୀତ । ମାତ୍ର ଏହି ଛବିଶ ଗୋଟି ଅକ୍ଷର ଦ୍ୱାରା ହିଁ ଅକ୍ଷରକୁ ଅକ୍ଷର ଯୋଡ଼ି ବିଭିନ୍ନ ଭାଷାରେ ଲେଖାଯାଏ । ଏହି ଲିପି ସର୍ବପ୍ରଥମେ ବର୍ତ୍ତମାନର ଇଟାଲୀରେ ସୃଷ୍ଟି ହୋଇ ପରବର୍ତ୍ତୀ ସମୟରେ ବିଶ୍ୱର ସମସ୍ତ ଅଂଚଳକୁ ବିଭିନ୍ନ ଐତିହାସିକ କାରଣରୁ ବ୍ୟାପିଯାଇଛି । ସେଗୁଡ଼ିକ ମଧ୍ୟରୁ ମୁଖ୍ୟ କାରଣଗୁଡ଼ିକ ହେଲା - ରୋମାନ୍ ଶାସକ, ଖ୍ରୀଷ୍ଟଧର୍ମର ପ୍ରଚାର-ପ୍ରସାର ଓ ଇଉରୋପୀୟ କାର୍ଯ୍ୟକଳାପ । ଲାଟିନ୍ ଆଲଫାବେଟ୍ ଗୁଡ଼ିକ ମୁଖ୍ୟତଃ ବିଶ୍ୱସ୍ତରୀୟ ଶବ୍ଦ ଭଣ୍ଡାରର ବର୍ଣ୍ଣମାଳା ଭାବରେ ବ୍ୟବହୃତ ହେଉଛନ୍ତି । ସେମେଟିକ୍ ଲିପିର ଉତ୍ତର ଉପଶାଖା 'ଏଟ୍ରସ୍କନ୍ ଲିପି' ରୁ ଲାଟିନ୍ ଲିପି ଉଦ୍ଭବ ହୋଇଥିଲା । ଖ୍ରୀଷ୍ଟପୂର୍ବ ସପ୍ତମ (୭ମ) ଶତାବ୍ଦୀ ବେଳକୁ ଏହି ଲିପି ବିକାଶଲାଭ କରିଥିଲା । ଆରମ୍ଭରେ ଏହି ଲିପିରେ ୨୧ଟି ଅକ୍ଷର ଥିଲା । କିନ୍ତୁ ଏଟ୍ରୁସ୍କନ୍ ଲିପିର ପାଞ୍ଚି ଲିପି ଯଥା - ହ,ଙ୍କ,ଙ୍ଗ,ଛ,ଛ ପରବର୍ତ୍ତୀ ସମୟରେ ଏହି

ଲିପିରେ ମିଶିଥିଲା। ଇଂରାଜୀ, ଫରାସୀ, ସ୍ପେନୀୟ, ରୋମାନୀୟ, ଜର୍ମାନ, ଇଟାଲୀ ଆଦି ଭାଷାକୁ ଏବେ ଏହି ଲାଟିନ୍ ଲିପିରେ ଲେଖାଯାଉଛି। ଏହା ସାଧାରଣରେ ବିଶ୍ୱର ସବୁ ଭାଷାର ଭାବ ବିନିମୟ ପାଇଁ ବ୍ୟବହାର କରାଯାଉଛି। କେତେକ ମୁଖ୍ୟ ଓ ଗୁରୁତ୍ୱପୂର୍ଣ୍ଣ ଭାଷା, ଶବ୍ଦ ଓ ଭାବ ବିନିମୟର ଅକ୍ଷର ଓ ଲିପି ପ୍ରଣାଳୀ ଏହି ଲିପିରେ ମିଶିଅଛି। ଯଥା :- ଜର୍ମାନ, ରୋମାନ, ପୋଲିସ(polish), ଅଷ୍ଟିନ୍ ଏବଂ ତୁର୍କୀଜ୍ ଆଦି।

(୨) **ଚାଇନିଜ୍ :** ବିଶ୍ୱରେ ଦ୍ୱିତୀୟ ବୃହତ୍ତମ ବ୍ୟବହୃତ ଲିପି (script) ହେଉଛି ଚାଇନିଜ୍। ଯାହା ହାଞ୍ଜି (Hanzi), କାନ୍ଜୀ (Kanji) ବା ହଞ୍ଜ (Hanja) ଭାବରେ ମଧ ପରିଚିତ। ଏହି ଲେଖା, ଶୈଳୀ ବା ଅକ୍ଷରର ବୈଶିଷ୍ଟ୍ୟ ହେଉଛି କେତେକ ଶବ୍ଦର ମିଶ୍ରଣ, ଯାହା ଏସିଆ ମହାଦେଶ ଓ ଏହାର ନିକଟବର୍ତ୍ତୀ ବିଭିନ୍ନ ଛୋଟବଡ଼ ଅଂଚଳର ଭାଷା ଭାବରେ ଚଳୁ ଅଛି। ଯଥା: ଚୀନ୍, କୋରିଆ ଓ ଜାପାନ୍। ଗୋଟିଏ ଆକଳନରୁ ଜଣାଯାଏ ଯେ ଏହି ଭାଷା ଓ ଲିପିକୁ ପ୍ରାୟ 1.34 billion (ଏକ ବିଲିଅନ୍ = ଏକ ଶହ କୋଟି) ଲୋକ ଏହି ଲିଖିତ ଭାଷା, ଶବ୍ଦ ଓ ଲିପିକୁ ନିଜର ଭାବ ବିନିମୟର ମାଧ୍ୟମ ଭାବରେ ବ୍ୟବହାର କରନ୍ତି। ଏହି ଲିପି ହଜାରହଜାର ଘଟଣା ଓ ବ୍ୟବସ୍ଥା ଦେଇ ଗତି କରି ଆସିଅଛି। ଯାହା ବାସ୍ତବରେ ବିଶ୍ୱର ବହୁଳ ବ୍ୟବହୃତ ଏକ ପୁରାତନ (oldest) ଲିଖିତ ଲିପି ଭାବେ ପରିଚିତ। ଏହି ଲିପି ଖ୍ରୀଷ୍ଟପୂର୍ବ ୧୨୦୦ ପୂର୍ବର ବୋଲି ପ୍ରକାଶ ମିଳେ।

(୩) **ଆରବିକ୍ :** ଏହା ବିଶ୍ୱର ତୃତୀୟ ବୃହତ୍ତମ ଲିପି ଓ ଭାଷା। ପ୍ରାୟ ୬୬୦ ନିୟୁତ (ଏକମିଲିଅନ୍ = ୧୦ ଲକ୍ଷ) ବ୍ୟକ୍ତି ବିଶେଷ ଏହି ଆରବିକ୍ ଲିପିକୁ ସେମାନଙ୍କର ଭାବ ବିନିମୟର ଭାଷା ଭାବରେ ବ୍ୟବହାର କରନ୍ତି। ଏହି ଭାଷାରେ ଅନ୍ୟ କେତୋଟି ଭାଷାର ପ୍ରଭାବ ରହିଛି। ଅନୁରୂପ ଭାବରେ ଏହାର ଲିପି ଉପରେ ସେହି ସେହି ଭାଷାର ପ୍ରଭାବ ରହିଥିବା କଥା ଗବେଷକମାନେ କହନ୍ତି। ଲିପିର ଏହି କ୍ରମ ବିକାଶ ଓ ବିବର୍ତ୍ତନରେ ଆରବିକ୍ ଲିପି ଓ ଭାଷା ସହିତ ଉର୍ଦ୍ଦୁ, ପାସ୍ତୋ, (Pashto), ଆରବିକ୍, ପଂଜାବୀ, ପାର୍ସିଆନ, ମାଲେସିଆନ୍ ଏବଂ କୁର୍ଦ୍ଦିଶ୍ (Kurdish) ଆଦି ରହିଛନ୍ତି। ଏହି ଆରବିକ୍ ଭାଷାରେ ଡାହଣରୁ ବାମକୁ ଲେଖାଯାଏ। ଏହା ୪୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଅଧିକ ପ୍ରଭାବ ବିସ୍ତାରକାରୀ ଥିଲା। ଏହାର ସର୍ବାଧିକ ବ୍ୟବହାର କୋରାନ୍‌ରେ ଦେଖିବାକୁ ମିଳେ। ବିଶ୍ୱରେ ଇସଲାମ୍‌ର ପ୍ରଚାର ପ୍ରସାର ସହିତ ଏହି ଆରବିକ୍ ଲିପି ବ୍ୟାପକ ହେଲା। ସମୟ କ୍ରମେ ବିଭିନ୍ନ ସ୍ଥାନ ବା ଅଂଚଳର ଭାଷା, ଲିପି ଓ ଚିହ୍ନ ଏଥିରେ ମିଶିବାର ସୁଯୋଗ ପାଇଲା।

(୪) **ଦେବନାଗରୀ :** ଏହି ଲିପିକୁ ବର୍ଣ୍ଣମାଳା ଲିଖନ ଶୈଳୀର ଅକ୍ଷର ବା ଲିପି କୁହାଯାଏ। ଏହି ଭାଷା ଓ ଲିପି ବିଶ୍ୱର ୧୨୦ଟି ଭାଷା, ସଂସ୍କୃତ ଓ ଦେଶରେ ଏକ ନିର୍ଦ୍ଦିଷ୍ଟ ସମୟରେ ପ୍ରଭାବ ବିସ୍ତାର କରିପାରିଥିଲା। ଏଥିରେ ୪୬ଟି ଅକ୍ଷର ଅଛି। ଯେଉଁଥିରୁ ୩୩ଟି ବ୍ୟଞ୍ଜନ ବର୍ଣ୍ଣ ୧୩ଟି ସ୍ୱରବର୍ଣ୍ଣ ଅଟେ। ବର୍ତ୍ତମାନର ଦେବନାଗରୀ ଲିପି ୧୦ମ ଶତାବ୍ଦୀର ବୋଲି ଗ୍ରହଣ କରାଯାଏ। ଯଦି ଓ କେତେକ ଗବେଷକ କହନ୍ତି ଯେ, ଏହା ପ୍ରାୟତଃ ପ୍ରଥମ ଶତାବ୍ଦୀରୁ ବ୍ୟବହୃତ ହୋଇ ଆସୁଛି। ଏହି ଲିପି ଓ ଭାଷାକୁ ବ୍ୟବହାର କରୁଥିବା ଲୋକମାନଙ୍କ ମଧ୍ୟରେ ନେପାଳୀ, ହିନ୍ଦୀ,

ସଂସ୍କୃତ, ମରାଠୀରେ ପ୍ରାୟ ଦଶକୋଟି(୧୦) ଲୋକ ସବୁ ସମୟରେ ବ୍ୟବହାର କରି ଆସୁଅଛନ୍ତି। ବିଶ୍ୱର ୧୨୦ଟି ଭାଷା ମଧ୍ୟରେ 'ଦେବନାଗରୀ' ବିଶ୍ୱର ୪ର୍ଥ ବୃହତ୍ତମ ଲିପି ଓ ଭାଷା ଅଟେ। ବିଶ୍ୱର ଅନ୍ୟତମ ପୁରାତନ ଏହି ଲିପି ବାମରୁ ଡାହାଣକୁ ଲେଖାଯାଏ। ଏହା ଦେଖିବାକୁ ବର୍ତ୍ତୁଳାକାର ହେଲେ ମଧ୍ୟ ଅକ୍ଷରର ଉପରି ଭାଗରେ ଏକ ସିଧା ଗାର ଏହି ଲିପିର ସ୍ୱତନ୍ତ୍ରତାକୁ ଚିହ୍ନାଏ।

ଦେବନାଗରୀ ପରବର୍ତ୍ତୀ ସମୟରେ ଭାରତର ବହୁଳ ବ୍ୟବହୃତ ଲିପି ଓ ଭାଷାମାନଙ୍କ ମଧ୍ୟରୁ ଗୋଟିଏ ହେବା ସହିତ ଏହି ଲିପି ଓ ଭାଷାରେ ଭାରତର ବିଖ୍ୟାତ ଗ୍ରନ୍ଥମାନ ରଚନା କରାଯାଇଅଛି।

**(୫) ସୁମେରିଆନ୍ (Sumer):** ମେସୋପଟାମିଆର ଦକ୍ଷିଣ ଭାଗରେ ଥିବା ସୁମେର ଏକ ପ୍ରାଚୀନ ସଭ୍ୟତା, ଯେଉଁମାନେ ବିଶ୍ୱାସ କରନ୍ତି ଯେ ବିଶ୍ୱର ପ୍ରଥମ ଲେଖିବା ପ୍ରଣାଳୀ ସେମାନଙ୍କ ଦ୍ୱାରା ଖ୍ରୀଷ୍ଟପୂର୍ବ ୩୧୦୦ (ତିନିହଜାର ଏକ ଶହ) ବେଳକୁ ଆରମ୍ଭ ହୋଇଥିଲା। ଗବେଷକମାନଙ୍କ ମତରେ ମେସୋପଟାମିଆର ଲୋକମାନେ 'ଚିତ୍ରଲିପି'ର ବିନା ସହାୟତାରେ ସ୍ୱତନ୍ତ୍ର ଲିପି ସୃଷ୍ଟି କରିଥିଲେ। ଇଜିପଟର କେତେକ ଗବେଷକ ଯୁକ୍ତି ବାଢ଼ନ୍ତି ଯେ, ସେମାନଙ୍କର (ଇଜିପଟିଆନ୍‌ମାନଙ୍କର) କେତେକ ଦୃଢ଼ ପ୍ରମାଣ ରହିଛି ଲିଖନ ପ୍ରଣାଳୀ ଓ ଲିପି ସମ୍ପର୍କରେ। ସେମାନଙ୍କର ଲେଖିବାଶୈଳୀ ଓ ଲିପିର ଆକୃତି ମେସୋପଟାମିଆ ମାନଙ୍କଠାରୁ ଉନ୍ନତ, ସ୍ୱତନ୍ତ୍ର ଓ ପ୍ରାଚୀନ। ସମଗ୍ର ବିଶ୍ୱ ଭଳି ମେସୋପଟାମିଆ ଲୋକମାନେ ମଧ୍ୟ ପ୍ରଥମେ ଚିତ୍ରଲିପି ସାହାଯ୍ୟରେ ଭାବ ଆଦାନ ପ୍ରଦାନ କରୁଥିଲେ। ପରେ ମାଟି ଜିନିଷରେ, ପଥରରେ ବା କେତେକ ବିଶେଷ ଧରଣର ପ୍ରାକୃତିକ ପଦାର୍ଥରେ ଚିତ୍ର, ମାନଚିତ୍ର, ଗୀତ, ଗଣିତ ଓ ଜୀବନର ସ୍ମୃତିକୁ ଅଙ୍କନ କରି ସାଇତି ରଖୁଥିଲେ। ପ୍ରାଚୀନ ମେସୋପଟାମିଆର ଏକ ଗୀତକୁ ପ୍ରଥମ ଲିଖିତ କାହାଣୀ ଭାବରେ ବିବେଚନା କରାଯାଏ। ସେମାନେ ବିଶ୍ୱାସ କରନ୍ତି ଯେ, ମାଟିର ଚାରିକୋଣିଆ ଟାବ୍‌ଲେଟ୍ ଭଳି ଆକୃତିରେ ଅଙ୍କା ଯାଇଥିବା ଏହି ଗୀତର ଶବ୍ଦ ବା ଅକ୍ଷର ଭଗବାନଙ୍କ ଦ୍ୱାରା ସୃଷ୍ଟି। ଏଥିରେ ଥିବା ଲିପି ହିଁ ସୁମେରିଆନ୍‌ମାନଙ୍କ ଲିପିର ପ୍ରାଚୀନତା ଦର୍ଶାଉଛି। ପରବର୍ତ୍ତୀ ସମୟରେ ଏହି ଲିପିରେ ବହୁଳ ପରିବର୍ତ୍ତନ ଘଟିଛି।

**(୬) ଇଜିପ୍ଟ:** ଲେଖିବା ବ୍ୟବସ୍ଥାଟି ଇଜିପ୍ଟିଆନ୍ ଶାସକ ମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ କଥା ଥିଲା। ଏଥିପାଇଁ ଶାସକମାନେ ଲିଖନକଳାରେ ସିଦ୍ଧହସ୍ତ ହେବାପାଇଁ ଏକ ନିର୍ଦ୍ଦିଷ୍ଟ ବର୍ଗର ଲୋକଙ୍କୁ ତାଲିମ୍ ଦେଉଥିଲେ। ସେମାନେ ମନ୍ଦିର ପରିଚାଳନା, ସମ୍ଭ୍ରାନ୍ତବ୍ୟକ୍ତିଙ୍କ ଘର ଓ ସୈନ୍ୟମାନଙ୍କ ପାଇଁ କେତେକ କଥା ଲେଖୁଥିଲେ ଓ ହିସାବ ରଖୁଥିଲେ। ଏହା ଇଜିପ୍ଟ ଭାଷା ଓ ଲିପିର ପ୍ରାଚୀନତା ଦର୍ଶାଉଛି।

**(୭) ଗ୍ରୀକ୍-ରୋମାନ ଲିପି ଓ ଭାଷା: (Writing in the Greco-Roman civilization)**

ଗ୍ରୀକ୍ ସଭ୍ୟତା ଲିପି ଓ ଭାଷା ଦୃଷ୍ଟିରୁ ପ୍ରାଚୀନ। ଗ୍ରୀକ୍ ବର୍ଣ୍ଣମାଳାରେ ଅନ୍ୟ ବର୍ଣ୍ଣମାଳାର ମିଶ୍ରଣ ଘଟି କେତେକ ନୂତନ ବର୍ଣ୍ଣ ତିଆରି ହୋଇଥିବା କଥା ଜଣାଯାଏ। ଏହା ସତ୍ତ୍ୱେ ସେମାନଙ୍କ ଲିପି ଓ

ଭାଷାରେ ନିଜର ମୌଳିକତା ଓ ପ୍ରାଚୀନତା ଦେଖିବାକୁ ମିଳେ। ଆଧୁନିକ କାଳର ଲିପିରେ ନିଜର ପୁରାତନ ଲିପି ସହିତ ବାହ୍ୟ ସଭ୍ୟତାରୁ ଆସି ମିଶିଥିବା ଲିପି ଦୃଷ୍ଟିଗୋଚର ହୁଏ। ଗୁଗୁଲ୍ ତଥ୍ୟ ଅନୁସାରେ "The history of the Greek alphabet started when the Greeks borrowed the phoenician Alphabet and adapted it to their own language. The letters of the Greek Alphabet are more or less the same as those of the phoenician Alphabet and in modern times both Alphabets are arranged in the same order." ଗ୍ରୀକ୍ ସଭ୍ୟତା ପରବର୍ତ୍ତୀ ସମୟରେ ଆଧୁନିକ ଇଉରୋପ୍‌ର ଶବ୍ଦାବଳୀକୁ ଗ୍ରହଣ କରିଛି। ସର୍ବାଧିକ ତଥା ବହୁଳ ଭାବରେ ଲାଟିନ୍ ଲିପି (script) ହିଁ ଏଠାରେ ଦେଖାଯାଏ। ଇତିହାସ କହେ କେନ୍ଦ୍ର ଇଟାଲୀର ଲୋକମାନେ ରୋମ୍‌ର ଉତ୍‌ଥାନ ସହିତ ଇଉରୋପ କୁନର ଆଧିପତ୍ୟ ବିସ୍ତାର କରିବାକୁ ଲାଗିଲେ। ରୋମ୍‌ର ଲୋକମାନେ ଖ୍ରୀଷ୍ଟପୂର୍ବ ୫୦୦ ବେଳକୁ ଲେଖିବା ଶିଖିଲେ। ପଶ୍ଚିମ ଗ୍ରୀକ୍ ଦ୍ୱାରା ବ୍ୟବହାର ହେଉଥିବା ଅଧିକାଂଶ ଇଟାଲିକ୍ ଲିପିକୁ ରୋମବାସୀ ଲେଖିବାକୁ ଆରମ୍ଭ କଲେ। ବାସ୍ତବରେ ରୋମ୍‌ର ସାଂସ୍କୃତିକ ପ୍ରଭାବ ଦ୍ୱାରା ବହୁଳ ପରିମାଣରେ ପ୍ରାଚୀନ ଇଟାଲିକ୍ ଲିପି ତିଷ୍ଠି ରହିପାରିଲା ନାହିଁ। ଫଳରେ ଅଧିକାଂଶ ପ୍ରାଚୀନ ଲିପି ଓ ବ୍ୟବହାରିକ ଭାଷା ଲୁପ୍ତ ହୋଇଗଲା। ସଭ୍ୟତାର ବିକାଶ ଓ ଶାସନଗତ ପରିବର୍ତ୍ତନ ହେତୁ ଗ୍ରୀକ୍, ରୋମାନ୍ ଓ ପାର୍ସିଆନ୍ ଭାଷା ଓ ଲିପି ମାନଙ୍କର ଦ୍ରୁତ ପରିବର୍ତ୍ତନ ଘଟି ଆଧୁନିକ ସମୟ ବେଳକୁ ନିଜ ନିଜର ଏକଏକ ସ୍ୱତନ୍ତ୍ର ରୂପରେଖ ପାଇ ସାରିଛନ୍ତି। ଯାହା ବିଶ୍ୱର ଅନ୍ୟତମ ସମୃଦ୍ଧ ଲିପି ଓ ଭାଷା ଭାବରେ ପରିଗଣିତ।

ସଂକ୍ଷେପରେ କହିବାକୁ ଗଲେ ବିଶ୍ୱର ସମସ୍ତ ଅଂଚଳରେ ପ୍ରାଥମିକ ସ୍ତରରେ 'ଚିତ୍ରଲିପି'ର ବ୍ୟବହାର କରାଯାଇଥିଲା। ସଭ୍ୟତାର ବିକାଶ ହେବା ସହିତ ଯୁଦ୍ଧ, ରାଜ୍ୟ ଜୟ ଆଦି ଦ୍ୱାରା ଗୋଟିଏ ଗୋଟିଏ ଅଂଚଳର ଭାଷା ଓ ଲିପିରେ ମିଶ୍ରଣ ଓ ପରିବର୍ତ୍ତନ ଘଟିଛି। ସମୟ କ୍ରମେ ଲିଖନ ପ୍ରଣାଳୀରେ ପରିବର୍ତ୍ତନ ଘଟି ପ୍ରତ୍ୟେକ ଭାଷା-ଭାଷୀ ନିଜର ସ୍ୱତନ୍ତ୍ର ଲିପି ସୃଷ୍ଟି କରିଛନ୍ତି। ଏହି ଲିପି ବିବର୍ତ୍ତିତ ଧାରାରେ ଗତି କରି ଏକ ସ୍ୱୟଂସଂପୂର୍ଣ୍ଣ ଆଧୁନିକ ଲିପିରେ ପରିଣତ ହୋଇଛି। ପରିବର୍ତ୍ତିତ, ପରିବର୍ଦ୍ଧିତ ଓ ପରିମାର୍ଜିତ ହୋଇ ଲିପି ଆଜି ଆମ ଆଗରେ ଏକ ସ୍ପଷ୍ଟ ରୂପ ଧାରଣ କରିଛି।

ବର୍ତ୍ତମାନ ସମୟରେ ଭାବ ବିନିମୟ ଓ ଜ୍ଞାନ ଆହରଣ ପାଇଁ ଲିପି ଏକ ଅପରିହାର୍ଯ୍ୟ ବିଷୟ। ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରୁ ଊନବିଂଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ବିଶ୍ୱ ଶାସନ ବ୍ୟବସ୍ଥାର ପରିବର୍ତ୍ତନ ହେତୁ ଇଂରାଜୀ ଭାଷା ବହୁଳ ବ୍ୟବହୃତ ଭାଷା ଓ ଏହାର ଲିପି ବହୁଳ ବ୍ୟବହୃତ ଲିପି ଭାବରେ ପରିଗଣିତ। ବିଶ୍ୱର ଅଧିକାଂଶ ବ୍ୟକ୍ତି ବ୍ୟବହାର କରୁଥିବା ଲାଟିନ୍, ଚାଇନିଜ୍, ଆରବିକ୍ ଓ ଦେବନାଗରୀ ଭଳି ଏକଦା ସମୃଦ୍ଧ ଓ ପ୍ରଭାବଶାଳୀ ଭାଷା ଅଦ୍ୟାବଧି ନିଜର ସ୍ଥାନ ବଜାୟ ରଖିଥିଲେ ମଧ୍ୟ ଇଂରାଜୀ ଲିପି ଓ ଭାଷା ବର୍ତ୍ତମାନ ସମୟରେ ସମଗ୍ର ବିଶ୍ୱର ସର୍ବାଧିକ ବ୍ୟବହୃତ ଭାଷାରେ ପରିଣତ ହୋଇଛି। ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ ସମୟ ସବୁଠାରୁ ଶକ୍ତିଶାଳୀ ଓ ସମୟର ପ୍ରଭାବରେ ସବୁକିଛି ପରିବର୍ତ୍ତନ ଶୀଳ। ସେହି ଦୃଷ୍ଟିରୁ ବିଚାର କଲେ ଅତୀତରେ ବିଶ୍ୱର

ପ୍ରାଚୀନ ତଥା ବହୁଳ ବ୍ୟବହାର ହେଉଥିବା ଲିପି ଓ ଭାଷାର ସ୍ଥାନ ବର୍ତ୍ତମାନ ଇଂରାଜୀ ଭାଷା ଗ୍ରହଣ କରିଛି । ସଂକ୍ଷେପରେ କହିଲେ ମନୁଷ୍ୟ ସଭ୍ୟତା ଭାବ ବିନିମୟ ପାଇଁ ଭାଷା ଓ ଏହାକୁ ଲେଖିବା ପାଇଁ ଲିପିର ଉଦ୍‌ଭାବନ କରିଅଛି । ଲେଖିବା ଦ୍ୱାରା ପରବର୍ତ୍ତୀ ପିଢ଼ୀ ଏହାକୁ ପଠନ କରି ଅତୀତ ସମ୍ପର୍କରେ ଜାଣିବାର ସୁଯୋଗ ପାଇବା ସହିତ ଭବିଷ୍ୟତ ପାଇଁ ତଥ୍ୟ ପାଇପାରିଲା । ଏହା ମାନବ ସଭ୍ୟତାର ଗତି ପଥରେ ସହାୟକ ହେଲା । ଏଣୁ ଲିପିର ଉପଯୋଗିତା ବଢ଼ିଲା । ତେବେ ଯେଉଁ ଭାଷା ଓ ଲିପି ସମସ୍ତଙ୍କ ପାଇଁ ଉପଲବ୍ଧ, ବୋଧଗମ୍ୟ ହେଲା ମଣିଷ ସେଥିରେ ଅଧିକ ମନୋନିବେଶ ହେଲା । ଫଳରେ ଏକ ତଥ୍ୟ ଅନୁସାରେ ସମଗ୍ର ବିଶ୍ୱରେ ୩୮୬୬ଟି (ତିନି ହଜାର ଆଠଶହ ଛଅଷଠିଟି) ଲିଖିତ ଭାଷା ଥିବାବେଳେ ଏମାନଙ୍କ ସଂଖ୍ୟା ଦ୍ରୁତ ଗତିରେ କମି ଚାଲିଛି । ବର୍ତ୍ତମାନର ଡିଜିଟାଲ କମ୍ପ୍ୟୁଟର (Digital Computer) ଯୁଗରେ ଆଗକୁ ଆହୁରି ଅନେକ ପରିବର୍ତ୍ତନ ଦେଖିବାକୁ ବାକି ଅଛି ।

ଏ କ୍ଷେତ୍ରରେ ଭାରତୀୟ ଭାଷା, ଲିପି ଓ ଏହାର ବିବର୍ତ୍ତନ ଆମ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ । ଭାରତୀୟ ସଭ୍ୟତାର ବିକାଶ ସହିତ ଏଠାରେ ବିଭିନ୍ନ ଭାଷାର ବିକାଶ ଘଟିଛି । ବିଭିନ୍ନ ଭାଷା ପାଇଁ ଲିପି ସୃଷ୍ଟି ହୋଇଛି । ଲିପିର କ୍ରମଶଃ ବିକାଶ ଘଟି ଭାରତର ସମସ୍ତ ପ୍ରାନ୍ତରେ ନିଜସ୍ୱ ଆକୃତି ଗ୍ରହଣ କରିଛନ୍ତି । ଏହି କ୍ରମରେ ପରବର୍ତ୍ତୀ ଅଧ୍ୟାୟମାନଙ୍କରେ ଭାରତର ବିଭିନ୍ନ ସମୃଦ୍ଧ ଭାଷାର ଲିପି ଓ ସାହିତ୍ୟ ସମ୍ପର୍କରେ ଆଲୋଚନା କରାଯାଇଛି । ଏଥି ସହିତ ଓଡ଼ିଆ ଲିପିର ଐତିହାସିକ ବିବର୍ତ୍ତନ, ଭାଷା ଓ ଲିପିର ସ୍ୱତନ୍ତ୍ରତାକୁ ମଧ୍ୟ ବିଶଦ୍ ଭାବରେ ଆଲୋଚନା କରାଯାଇଛି ।

(୮) **ଖରୋଷ୍ଠୀ ଲିପି:-** ଚୀନ ଭାଷାକୋଷ 'ଫା-ୱାନ୍-ଶୁ-ଲିନ୍' ଅନୁସାରେ ଖରୋଷ୍ଠ ନାମକ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଏହି ଲିପି ଉଦ୍ଭାବିତ ହୋଇଥିବାରୁ ଏହାର ନାମ ଖରୋଷ୍ଠୀ ହୋଇଅଛି । ଡକ୍ଟର ସୁନୀତି କୁମାର ଚାଟାର୍ଜୀଙ୍କ ମତ ଅନୁସାରେ, ହିବ୍ରୁ ଭାଷାରେ 'ଖରୋଶେଥ୍' ର ଅର୍ଥ ହେଉଛି ଲେଖାଲେଖି । ଯେଉଁ ଲିପିରେ ଲେଖାଲେଖି କାର୍ଯ୍ୟ ସାଧିତ ହୁଏ, ସେହି ଲିପିକୁ 'ଖରୋଷ୍ଠୀ ଲିପି' କହନ୍ତି । ଖରୋଷ୍ଠୀ ଲିପିକୁ ଗାନ୍ଧାରୀ ଲିପି ମଧ୍ୟ କୁହାଯାଏ । ଏହି ଲିପିର ପ୍ରୟୋଗ ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦୀରୁ ଖ୍ରୀଷ୍ଟାବ୍ଦ ୩ୟ ଶତାବ୍ଦୀ ମଧ୍ୟରେ ଏସିଆରେ ପ୍ରଚଳିତ ଥିବା ଜଣାଯାଏ । ଭାଷାବିଦ୍ ଗୋଲକ ବିହାରୀ ଧଳ ପ୍ରଫେସର ଜି.ବ୍ୟୁହଲର୍‌ଙ୍କ ମତ ଉଦ୍ଧାର କରି କହିଛନ୍ତି – ସେମିଟିକ୍ ଭାଷାର ଗୋଟିଏ ଶାଖାର ଲିପିରୁ ଖ୍ରୀଷ୍ଟାପୂର୍ବ ପଂଚମ ଶତାବ୍ଦୀ ବେଳକୁ ଆଫ୍‌ଗାନିସ୍ଥାନ୍ ଓ ପଶ୍ଚିମ ପଞ୍ଜାବରେ ଏହି ଖରୋଷ୍ଠୀ ଲିପି ପ୍ରଚଳିତ ହେଉଥିଲା । ଏହି ଲିପି ଡାହାଣରୁ ବାମକୁ ଲେଖା ଯାଇଥାଏ । ଏହାର ବର୍ଣ୍ଣମାଳାରେ ଅକ୍ଷର ସଂଖ୍ୟା ୩୭ ଥିଲା (ସଇଁତିରିଶ) ।

(୯) **ବ୍ରାହ୍ମୀ ଲିପି :** – ବ୍ରାହ୍ମୀ ଲିପିକୁ ଭାରତରେ ସର୍ବପ୍ରାଚୀନ ତଥା ବିଜ୍ଞାନ ସମ୍ମତ ଲିପି ଭାବରେ ଗ୍ରହଣ କରାଯାଏ । ଏହି ଲିପିରୁ ଅନେକଗୁଡ଼ିଏ ଏସୀୟ ଲିପିର ବିକାଶ ଘଟିଛି । ସମ୍ରାଟ ଅଶୋକଙ୍କ ଦ୍ୱାରା ଖୋଦିତ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଶିଳାଲିପି ଗୁଡ଼ିକ ବ୍ରାହ୍ମୀଲିପି ଅଟେ । ବୌଦ୍ଧ, ଜୈନ ଓ ବ୍ରାହ୍ମଣ୍ୟ ଧର୍ମର ଗ୍ରନ୍ଥଗୁଡ଼ିକରେ ଏହି ଲିପିକୁ ବ୍ରାହ୍ମୀଲିପି ଭାବରେ ନାମିତ କରାଯାଇଥିବା ବହୁପ୍ରମାଣ ରହିଛି । ବ୍ରାହ୍ମୀଲିପିକୁ ବାମରୁ ଡାହାଣକୁ ଲେଖାଯାଏ । ଏହି ଲିପିରେ ସ୍ୱର ଓ ବ୍ୟଞ୍ଜନମାନଙ୍କ ପାଇଁ ଭିନ୍ନ ଭିନ୍ନ ଚିହ୍ନ ରହିଛି । ପ୍ରତ୍ୟେକ ବର୍ଣ୍ଣକୁ ଧ୍ୱନିତାତ୍ତ୍ୱିକ ଦୃଷ୍ଟିରୁ ବିଚାର କଲେ

ହ୍ରସ୍ୱ ଏବଂ ଦୀର୍ଘ ନାସିକ୍ୟତା ଓ ନିରୁନାସିକ୍ୟତା ସ୍ୱର ଓ ବ୍ୟଞ୍ଜନର ସଂଯୋଗରେ ନୂତନ ଧ୍ୱନିତାତ୍ତ୍ୱିକ ସଂକେତମୂଳକ ବର୍ଣ୍ଣର ଉତ୍ପତ୍ତି ଭଳି ବହୁ ବିଜ୍ଞାନସମ୍ମତ ବୈଶିଷ୍ଟ୍ୟ ଦେଖିବାକୁ ମିଳିଥାଏ। ସମୟସ୍ରୋତରେ ବ୍ରାହ୍ମୀ ଲିପିରେ ଯେଉଁ ପରିବର୍ତ୍ତନ ଘଟିଛି ସେ ସମ୍ପର୍କରେ ବ୍ରାହ୍ମୀଲିପିର ସ୍ୱତନ୍ତ୍ର ଏକକରେ ବିସ୍ତୃତ ଭାବରେ ପଢ଼ିବା।

## ୧.୬ ସାରାଂଶ

- ବିଶ୍ୱର ସମସ୍ତ ଲିପିର ପ୍ରାଥମିକ ଅବସ୍ଥା ଏକାପରି। ଯାହା 'ଚିତ୍ରଲିପି' ଭାବରେ ପରିଚିତ।
- ଲିପି ସମସ୍ତ ବକ୍ତବ୍ୟର ଲିଖିତ ରୂପକୁ ସାର୍ଥକ କରେ।
- ବିଶ୍ୱର ବିଭିନ ସ୍ଥାନରେ ଲେଖିବା ପାଇଁ ପଥର, ନିହାଣ, ମାଟି, ବାଡ଼ି, ରଂଗିନ୍ ପଥରଖଣ୍ଡ, ଆକାର, ଆଦିକୁ ଲେଖିବାର ପ୍ରଧାନ ଉପକରଣ ଭାବରେ ବ୍ୟବହାର କରାଯାଉଥିଲା।
- ବିଶ୍ୱରେ ମାତ୍ର କୋଟେଟି ଭାଷା ଓ ଏହାର ଲିପି ଯଥା – ଲାଟିନ୍, ଚାଇନିଜ୍, ଆରବିକ ଓ ଦେବନାଗରୀ ଆଦି ସର୍ବ ପ୍ରାଚୀନ ଓ ବହୁଳ ବ୍ୟବହାର ହେଉଥିବା ଲିପି ଓ ଭାଷା ଭାବରେ ପରିଚିତ।
- ବିଶ୍ୱର ସବୁ ଲିପି ଓ ଭାଷାରେ କାଳକ୍ରମେ ମିଶ୍ରଣ ଓ ବିବର୍ତ୍ତନ ଘଟିଛି।
- ବର୍ତ୍ତମାନ ସମୟରେ ଅନେକ ସମୃଦ୍ଧ ଦେଶ ସେମାନଙ୍କ ଲିପି ଓ ଭାଷାକୁ ପ୍ରାଚୀନତମ ଭାଷା ଓ ଲିପି ବୋଲି ଦାବି କରିଥାନ୍ତି।
- କାଳକ୍ରମେ କେତେକ ଭାଷା ସମୃଦ୍ଧ ହୋଇ ବହୁ ଦେଶ ଓ ବହୁଜନଙ୍କ ଦ୍ୱାରା ବ୍ୟବହୃତ ହୋଇଛି।
- ସମଗ୍ର ବିଶ୍ୱରେ ୩୮୬୬ଟି ଲିଖିତ ଭାଷା ଥିବା ଜଣାଯାଏ।
- ଇଂରାଜୀ ବର୍ତ୍ତମାନ ସମୟରେ ବିଶ୍ୱର ସର୍ବାଧିକ ଲୋକଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ଭାଷା।
- ବିଶ୍ୱର ଯେକୌଣସି ଲିପି ଓ ଭାଷାକୁ ଅନୁଧାନ ଓ ଅନୁବାଦ କରିବାପାଇଁ ଭାଷାର ବୈଜ୍ଞାନିକ ପ୍ରଣାଳୀକୁ ବ୍ୟବହାର କରାଗଲାଣି।

## ୧.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

### ୧. ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ

(କ) ଚାରୋଟି ବହୁଳ ବ୍ୟବହୃତ ଭାଷା ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଦିଅ।

(ଖ) ବିଶ୍ୱର ସାତୋଟି ଦେଶ ଓ ଲିପିର ନାମ ଲେଖ ଯାହା ଏବେ ବି ବହୁଳଭାବେ ବ୍ୟବହୃତ।

(ଗ) ବିଶ୍ୱରେ କେତୋଟି ଲିଖିତ ଭାଷା ରହିଛି ?

(ଘ) ଦେବନାଗରୀ ଲିପିର ବିଶେଷତ୍ୱ ସଂକ୍ଷେପରେ ଲେଖ।

(ଙ) ବିଶ୍ୱର ୨ୟ ବୃହତ୍ତମ ଭାଷା କ'ଣ ଓ ଏହାର ପ୍ରାଚୀନତା ସମ୍ପର୍କରେ ସଂକ୍ଷିପ୍ତ ବିବରଣୀ ଦିଅ।

**୨. ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ**

(କ) ଗ୍ରୀକ୍ ରୋମାନ୍ ଲିପି ଓ ଭାଷାର ଇତିହାସ ଏବଂ ବିଶ୍ୱଲିପି ତଥା ଭାଷାକୁ ଏହାର ଅବଦାନ ସମ୍ପର୍କରେ ବୁଝାଇ ଲେଖ।

(ଖ) ଭାରତୀୟ ଲିପି ମଧ୍ୟରେ ଉଭୟ ଲିପି ଓ ଭାଷା ଦୃଷ୍ଟିରୁ ଦେବନାଗରୀର ସ୍ଥାନ ନିରୂପଣ କର।

(ଗ) ଲିପି ସମ୍ପର୍କରେ ପଠନର ଉଦ୍ଦେଶ୍ୟ ବୁଝାଇ ବିଶ୍ୱର ବହୁଳ ବ୍ୟବହୃତ ଭାଷା ମଧ୍ୟରୁ ଯେକୌଣସି ଦୁଇଟିର ଆଲୋଚନା କର।

## ୧.୮ ସହାୟକ ଗ୍ରନ୍ଥସୂଚୀ


- ଓଡ଼ିଆ ଲିପି ଓ ଭାଷା – ଡ. ଖଗେଶ୍ୱର ମହାପାତ୍ର
- ବିଶ୍ୱର ଭାଷା – ସତ୍ୟସ୍ୱରୂପ ମିଶ୍ର (ସାହିତ୍ୟ ଏକାଡ଼େମୀ)
- ବିଶ୍ୱ ଲିପି – ଧର୍ମେନ୍ଦ୍ର ବର୍ମା (ହିନ୍ଦୀ)

# ଦ୍ୱିତୀୟ ଏକକ

# ଭାରତୀୟ ଲିପି: ପ୍ରାଥମିକ ଅବସ୍ଥା, ବିଭିନ୍ନ ଲିପିର ଉଦ୍ଭବ ଓ ବିକାଶ

**ବିଷୟ ଗଠନ:**

୨.୧ ପଠନର ଉଦ୍ଦେଶ୍ୟ
୨.୨ ଶିକ୍ଷଣୀୟ ବିଷୟ
୨.୩ ବିଷୟ ପ୍ରବେଶ
୨.୪ ଭାରତୀୟ ଲିପି ଓ ଏହାର ଉଦ୍ଭବ
୨.୫ ଭାରତୀୟ ଲିପିର ରେଖାଚିତ୍ର, ଆକାର, ବିକାଶ ଓ ବ୍ରାହ୍ମୀ ଲିପିକୁ ପ୍ରବେଶ
୨.୬ ସାରାଂଶ
୨.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୨.୮ ସହାୟକ ଗ୍ରନ୍ଥସୂଚୀ

## ୨.୧ ପଠନର ଉଦ୍ଦେଶ୍ୟ

ବିଶ୍ୱରେ ଭାରତୀୟ ଲିପିମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ସ୍ଥାନ ରହିଛି। ପ୍ରାଚୀନ ଭାରତୀୟ ଶିଳାଲେଖରୁ ଭାରତୀୟ ଲିପିର ଉଦ୍ଭବ ଓ ବିକାଶକ୍ରମ ସମ୍ପର୍କରେ ଆମେ ସଠିକ୍ ଧାରଣା ପାଇପାରିବା। ଏହି ଲିପିମାନଙ୍କର ବିକାଶଧାରାରେ ଶିଳାଲେଖର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗୁମ୍ଫାମାନଙ୍କରେ ଥିବା ଚିତ୍ର ଓ ପରବର୍ତ୍ତୀ ସମୟର ଲିପି ସ୍ପଷ୍ଟ କରେ ଯେ, ବିଶ୍ୱର ଅନ୍ୟ ଲିପି ଭଳି ଭାରତୀୟ ଲିପି ଭାରତୀୟମାନଙ୍କ ଦ୍ୱାରା ସୃଷ୍ଟି ହୋଇଛି। ସ୍ଥାନ ଭେଦରେ ଲିପିର ରୂପଗତ ପରିବର୍ତ୍ତନ ଘଟିଛି। ନଗର ସଭ୍ୟତାର ଉନ୍ମେଷ ସହିତ ଲିପିର ପରିମାର୍ଜିତ ରୂପ ଦୃଷ୍ଟିଗୋଚର ହୁଏ। ଭାରତରେ ଲିପିର କ୍ରମବିବର୍ତ୍ତନ କ୍ଷେତ୍ରରେ ବ୍ରାହ୍ମି ଲିପିର ସ୍ଥାନ ସ୍ୱତନ୍ତ୍ର। ପରେ ବ୍ରାହ୍ମି ଲିପିରୁ କଳିଙ୍ଗ ଲିପିର ସୃଷ୍ଟି ଓ ସେଥିରୁ ଅନ୍ୟ କେତେକ ଲିପିର ସୃଷ୍ଟି ହୋଇଥିବା କଥା ଆମ ଆଲୋଚକମାନେ ମତ ପ୍ରକାଶ କରନ୍ତି। ବ୍ରାହ୍ମିଲିପି ଓ ସେଥିରୁ ସୃଷ୍ଟ ଅନ୍ୟ ଲିପି ତଥା ଓଡ଼ିଆ ଲିପି ସମ୍ପର୍କରେ ଆମ ବିଦ୍ୟାର୍ଥୀମାନେ ଠିକ୍ ଭାବରେ ବୁଝିବା ଦରକାର। ସେଥିପାଇଁ ଏହି ଏକକରେ ଶିଳାଲେଖ ଠାରୁ ଆରମ୍ଭ କରି ଭାରତୀୟ ଲିପିର କ୍ରମବିକଶିତ ସ୍ଥିତିକୁ ବୁଝାଇବାର ଚେଷ୍ଟା କରାଯାଇଛି। ଯାହା ବିଦ୍ୟାର୍ଥୀମାନଙ୍କୁ ଭାରତୀୟ ଲିପିର ପ୍ରାଚୀନତା ଓ ମୌଳିକତା ସମ୍ପର୍କରେ ଶିକ୍ଷା ଦେବ।

## ୨.୨ ଶିକ୍ଷଣୀୟ ବିଷୟ

ଏହି ଅଧ୍ୟାୟ ପଠନ ମାଧ୍ୟମରେ ବିଦ୍ୟାର୍ଥୀମାନେ ନିମ୍ନଲିଖିତ ବିଷୟରେ ଅବଗତ ହେବେ:-

- ଏହି ଅଧ୍ୟାୟରେ ଭାରତରେ ସର୍ବ ପୁରାତନ ଲିପି ଓ ଏହାର ଉଦ୍ଭବ ବିଷୟରେ ଜାଣିବେ।
- ଭାରତରେ ପ୍ରଚଳିତ ଲିପି ଗୁଡ଼ିକର ଇତିହାସ, ଭୌଗୋଳିକ ସ୍ଥାନ ସମ୍ପର୍କରେ ଅବଗତ ହେବେ।
- ଭାରତ ଭିନ୍ନ ଅନ୍ୟ ଅଂଚଳରେ ଭାରତୀୟ ଲିପିର ପ୍ରଚଳନ ଓ ଭାରତ କି ଭଳି ଉପମହାଦେଶୀୟ ଲିପିର ମୂଳ ସ୍ରଷ୍ଟା ସେକଥା ବୁଝିବେ।
- ଭାରତରେ ବ୍ୟବହୃତ ଲିପି ସଂଖ୍ୟା, ଏହାର ପ୍ରାଚୀନତା, ଲିପି ଅଙ୍କନ ଶୈଳୀ ସମ୍ପର୍କରେ ମଧ୍ୟ ଜାଣିବେ।
- ବ୍ରାହ୍ମୀ ଲିପି, ଚିତ୍ରଲିପି, ଗୁମ୍ଫା ଲିପି କ'ଣ ଓ ଆଧୁନିକ ଭାରତର ଲିପି ସମୂହକୁ ଏହାର ଅବଦାନ ସଂପର୍କରେ ଅନେକ ତଥ୍ୟ ଜାଣିପାରିବେ।
- ଭାରତୀୟ ଲିପି ସମୂହର କ୍ରମବିବର୍ତ୍ତନ ଓ ସ୍ଥାନ ଭିନ୍ନରେ ଏହାର ରୂପ ଭିନ୍ନତା ସମ୍ପର୍କରେ ବୁଝିପାରିବେ।
- ଚାଳିଶ ହଜାର (୪୦,୦୦୦) ବର୍ଷର ଲିପିଠାରୁ ଆଜିର ଲିପି ପର୍ଯ୍ୟନ୍ତ ଥିବା ଭିନ୍ନତା ବିଷୟରେ ଅବଗତ ହେବେ।
- ସିନ୍ଧୁଲିପି, ବ୍ରାହ୍ମୀ ଲିପି ଭଳି ଅନ୍ୟାନ୍ୟ ଲିପି ମଧ୍ୟରେ ଥିବା ସାମଞ୍ଜସ୍ୟକୁ ଜାଣିପାରିବେ।

## ୨.୩ ବିଷୟ ପ୍ରବେଶ

ଭାରତୀୟ ଲିପି ଆଲୋଚନା ଦୃଷ୍ଟିରୁ ଶିଳାଲେଖର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ପ୍ରଥମେ ଭାବ ପ୍ରକାଶ ପାଇଁ ମଣିଷ ଶବ୍ଦ (ଧ୍ୱନି ବା sound)ର ବ୍ୟବହାର କଲା। ଏହାଠାରେ ଭାଷାର ପ୍ରଚଳନ ହେଲା। ତା'ପରେ ଏହି ଭାବକୁ ସ୍ଥାୟୀ କରିବା ପାଇଁ ଲିପିର ପ୍ରଚଳନ ଘଟିଲା। ଚାଳିଶ ହଜାର (୪୦,୦୦୦) ବର୍ଷ ତଳୁ ଆରମ୍ଭ କରି କୋଡ଼ିଏ ହଜାର (୨୦,୦୦୦) ବର୍ଷ ପର୍ଯ୍ୟନ୍ତ ଭାରତରେ ବିଭିନ୍ନ ଚିତ୍ରଲିପି ଦୃଷ୍ଟିଗୋଚର ହୁଏ। କିନ୍ତୁ ପ୍ରାମାଣିକ ସତ୍ୟତା, ଭାବ ଓ ସଂକେତର ସ୍ପଷ୍ଟତା, ତତ୍‌କାଳୀନ ସାମାଜିକ ଜୀବନର ବାସ୍ତବତା ଆଦିକୁ ଦୃଷ୍ଟିରେ ରଖି ସେ ସବୁକୁ ବିଚାର ଆଲୋଚନା କରିବା ଅଧିକ ଉଚିତ ହେବ। କେତେକ ଗୁମ୍ଫାର ଶିଳାଲେଖ ପାଠ ହୋଇ ଭାରତୀୟ ଲିପିର ପ୍ରାଚୀନତା ଓ ମୌଳିକତା ପ୍ରମାଣିତ ହୋଇ ପାରିଛି। ଫଳରେ ଭାରତୀୟ ଲିପିର ମୌଳିକ ରୂପ ଓ ଭିତ୍ତି ସଂପର୍କରେ ବହୁ ଐତିହାସିକ ଓ ସାମାଜିକ ଦିଗ ଉନ୍ମୋଚିତ ହୋଇପାରିଛି। ବିଭିନ୍ନ ଦୃଷ୍ଟିରୁ ବିଚାର କଲେ ଏହି ଭାରତୀୟ ଲିପି ଗୁଡ଼ିକର କ୍ରମ ବିକାଶ ଘଟି ଧୀରେ ଧୀରେ ଭାରତର ଭିନ୍ନ ଭିନ୍ନ ଅଂଚଳରେ ନିଜର ଏକଏକ ସ୍ୱତନ୍ତ୍ର ରୂପରେଖ ବା ଆକୃତି ଗ୍ରହଣ କରିଛି। ଯାହାର ପରବର୍ତ୍ତୀ ସମୟର ଲିପି ସୃଷ୍ଟିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେବେ ଆମ ଭାରତୀୟ ଭାଷା ମାନଙ୍କରେ ବ୍ୟବହୃତ ଲିପିଗୁଡ଼ିକ ଉପରେ ଅନ୍ୟ ଦେଶରେ ପ୍ରଚଳିତ ଲିପିର ପ୍ରଭାବ ରହିଛି କି ନାହିଁ

ସେ ବିଷୟରେ ମଧ୍ୟ ଆମେ ଉତ୍ତମ ରୂପେ ବୁଝିବା ଏକାନ୍ତ ଆବଶ୍ୟକ। ସେହି ଦୃଷ୍ଟିରୁ ଲିପିର ବାସ୍ତବ ରୂପରେଖ ସଂପର୍କରେ ପରବର୍ତ୍ତୀ ଅଧ୍ୟାୟ ଗୁଡ଼ିକରେ ବିଶଦ୍‌ଭାବରେ ବିଚାର ଆଲୋଚନା କରାଯାଇଛି।

## ୨.୪ ଭାରତୀୟ ଲିପି ଓ ଏହାର ଉଦ୍ଭବ

ବିଶ୍ୱ ଲିପି ପରି ଭାରତୀୟ ଲିପି ମଧ୍ୟ ଭାରତର ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇ ପରବର୍ତ୍ତୀ ସମୟରେ ବିଭିନ୍ନ ଅଂଚଳକୁ ବ୍ୟାପ୍ତ ହୋଇଛି। ଅନୁମାନ କରାଯାଏ, ଜଣେ ଜଣେ ବ୍ୟକ୍ତି ଓ ସମ୍ଭ୍ରାନ୍ତ ସ୍ଥାନୀୟ ଲୋକ କେତେକ ବିଶେଷ କଥାକୁ ଲିଖିତ ରୂପ ଦେବାକୁ ଯାଇ ଯେଉଁ ପ୍ରାଥମିକ ଚେଷ୍ଟା କରିଥିଲେ ସେଥିରୁ ଭାରତୀୟ ଲିପିର ଉଦ୍ଭବ ଘଟିଛି। ତେବେ ଏ ସଂପର୍କରେ ପତ୍ନତତ୍ତ୍ୱବିଦ୍‌ମାନଙ୍କ ତଥ୍ୟ ହିଁ ଅଧିକ ଯୁକ୍ତିଯୁକ୍ତ ଅଟେ। ଲିପିର ଚର୍ଚ୍ଚା ଦୃଷ୍ଟିରୁ ଭାରତୀୟ ଲିପି ସମୂହର ଆଲୋଚନା କଲେ ଆମେ ଜାଣିପାରିବା ଯେ ପ୍ରାଚୀନ ଲିପି ଭିତରେ ତତ୍‌କାଳୀନ ମନୁଷ୍ୟ ସମାଜର ଭାବର ଅଭିବ୍ୟକ୍ତି ରହିଛି।

ବିଶ୍ୱରେ ଦେଖାଦେଇଥିବା ସମସ୍ତ ପ୍ରାଚୀନ ସଭ୍ୟତା ଲିପିଗୁଡ଼ିକ ଆଦିମାନବର ଗୁମ୍ଫା ଚିତ୍ରାବଳୀରୁ ସୃଷ୍ଟି ବୋଲି କୁହାଯାଇଛି। ଆଜକୁ ପ୍ରାୟ ୪୦,୦୦୦ (ଚାଳିଶ ହଜାର) ବର୍ଷ ପୂର୍ବେ ମଣିଷର କ୍ରମବିକଶିତ ଅବସ୍ଥାର ବୁଦ୍ଧିମାନ ମାନବ ପ୍ରଥମ ଅବସ୍ଥାରେ ଚିତ୍ର ଅଙ୍କନ ଓ ପରେ ଚିତ୍ରଲିପି ଦେଇ ସେଥିରୁ ଲିପି ସୃଷ୍ଟି କରିଛି। ଭାରତର ପ୍ରାଚୀନ ଲିପି ଭାବରେ 'ବ୍ରାହ୍ମୀଲିପି'କୁ ଗ୍ରହଣ କରାଯାଏ। ଭାରତର ସମସ୍ତ କଥିତ ଭାଷାକୁ ଚାରୋଟି ଭାଷାଗୋଷ୍ଠୀରେ ବିଭକ୍ତ କରାଯାଇଥିଲେ ସୁଦ୍ଧା ଲିପି କିନ୍ତୁ ଏକମାତ୍ର ବ୍ରାହ୍ମୀଲିପି ସୂତ୍ରରୁ ସୃଷ୍ଟି ବୋଲି ସମସ୍ତ ପ୍ରତ୍ନତତ୍ତ୍ୱବିଦ ସ୍ୱୀକାର କରନ୍ତି। ଭାରତରେ ଚଉଷଠି(୬୪) ପ୍ରକାର ଲିପିର ନାମୋଲ୍ଲେଖ ବୌଦ୍ଧ ସାହିତ୍ୟରେ ରହିଛି। ଭାରତୀୟ ଲିପି ସମ୍ପର୍କରେ ଏହା ଏକ ସର୍ବପ୍ରାଚୀନ ପ୍ରାମାଣିକ ତଥ୍ୟ ଅଟେ।

ବିଶ୍ୱର ଅନ୍ୟ ଲିପି ପରି ଭାରତୀୟ ଲିପି ଭାରତରୁ ଆବିଷ୍କୃତ ଗୁମ୍ଫା ଚିତ୍ର ମାନଙ୍କରୁ ସୃଷ୍ଟି ହୋଇଥିବା କଥା ସ୍ପଷ୍ଟ ହୁଏ। ପ୍ରାଥମିକ ଅବସ୍ଥାରେ ଏଥିରେ ପଶୁ ଓ ମଣିଷମାନଙ୍କ ଚିତ୍ର ଅଙ୍କନ କରାଯାଉଥିଲା। ତେବେ ଭାରତୀୟ ଲିପିର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଲା ଏହା ବାମରୁ ଡାହାଣକୁ ଲେଖାଯାଏ। ଜନ୍ ଡନ୍‌ସନ୍‌ଙ୍କ ମତାନୁସାରେ ଭାରତୀୟ ଲିପିର ଉଦ୍ଭବ ଓ ବିକାଶ ଗଂଗାନଦୀର କୌଣସି ଅବବାହିକାରୁ ପ୍ରଥମେ ଉତ୍ପନ୍ନ ହୋଇ ସମଗ୍ର ବିଶ୍ୱକୁ ସଂପ୍ରସାରିତ ହୋଇଥିଲା। ତେବେ ଏ ମତ ବିଜ୍ଞାନ ସମ୍ମତ ନ ହେଲେ ମଧ୍ୟ ବ୍ରାହ୍ମୀ ଯେ ଭାରତର ବିକଶିତ ଲିପି ମଧ୍ୟରୁ ସର୍ବପ୍ରାଚୀନ ଓ ଭାରତ ଉପମହାଦେଶୀୟ ଲିପିର ମୂଳ ସ୍ରଷ୍ଟା ଏଥିରେ ଦ୍ୱିମତ ନାହିଁ।

## ୨.୫ ଭାରତୀୟ ଲିପିର ରେଖାଚିତ୍ର,ଆକାର,ବିକାଶ ଓ ବ୍ରାହ୍ମୀଲିପିକୁ ପ୍ରବେଶ

ବିଶ୍ୱର ଅନ୍ୟ ଲିପି ଭଳି ଭାରତୀୟ ଲିପି ଭାରତରୁ ଆବିଷ୍କୃତ ଗୁମ୍ଫା ଚିତ୍ରରୁ ସୃଷ୍ଟି ହୋଇଛି। ବିଶ୍ୱରେ ଦେଖାଦେଇଥିବା ସମସ୍ତ ପ୍ରାଚୀନ ସଭ୍ୟତାର ଲିପିଗୁଡ଼ିକ ଆଦିମାନବର ଗୁମ୍ଫା-ଚିତ୍ରାବଳୀରୁ ସୃଷ୍ଟି ବୋଲି କୁହାଯାଇଛି। ଭାରତରେ ଚାଳିଶ ହଜାର ବର୍ଷତଳର ପ୍ରଚୁର ଗୁମ୍ଫାଚିତ୍ର ରହିଛି। ମଧ୍ୟପ୍ରଦେଶର

ଭୀମ ବାଟିକା, ଉତ୍ତରପ୍ରଦେଶର ମୀର୍ଜାପୁର, ଓଡ଼ିଶାର ଗୁଡ଼ହାଣ୍ଡି ପ୍ରଭୃତି ସ୍ଥାନରୁ ଆଦିମାନବ ଦ୍ୱାରା ଅଙ୍କିତ ଏହିସବୁ ଚିତ୍ର ମିଳିଛି। ଭାରତୀୟ ଲିପି ବାମରୁ ଡାହାଣକୁ ଲେଖାଯାଏ, ମାତ୍ର ଆରମାଇକ ଲିପି ଡାହାଣରୁ ବାମକୁ ଲେଖାଯାଏ। ପ୍ରାଥମିକ ଅବସ୍ଥାରେ ଲିପି ସ୍ଥାନରେ ପଶୁ ଓ ମଣିଷ ଚିତ୍ର ଅଙ୍କନ କରାଯାଉଥିଲା। ଚାଳିଶ ହଜାର(୪୦,୦୦୦) ବର୍ଷ ତଳର 'ଭୀମବାଟିକା ଚିତ୍ର' ଏହାର ଦୃଷ୍ଟାନ୍ତ। ଏହା ଏକ ରାଜକୀୟ ଶୋଭାଯାତ୍ରା ବୋଲି ମନେହୁଏ।



(୪୦ହଜାର ବର୍ଷ ତଳର ଭୀମବାଟିକାପାହାଡ ଗୁମ୍ଫାରେ ଅଙ୍କିତ ରାଜକୀୟ ଶୋଭାଯାତ୍ରା )

ଦ୍ୱିତୀୟ ପର୍ଯ୍ୟାୟରେ ବିଭିନ୍ନ ଜ୍ୟାମିତିକ ଚିତ୍ର ଅଙ୍କନ କରାଗଲା। ପନ୍ଦରହଜାର (୧୫,୦୦୦) ବର୍ଷ ତଳର 'ଗୁଡହାଣ୍ଡି  ଚିତ୍ର' ଏହାର ଦୃଷ୍ଟାନ୍ତ ଅଟେ। ଏହା ଏକ ପ୍ରାଚୀନ ନଗର ବା ବସ୍ତିର ନକ୍ସା ବୋଲି ଅନୁମିତ ହୁଏ।



ଏହା ଏକ ପ୍ରାଚୀନ ନଗର ବା ବସ୍ତିର ନକ୍ସା ବୋଲି ଅନୁମିତ ହୁଏ।

ମିଳୁଥିବା ବିଭିନ୍ନ ଆଦିମ ଚିତ୍ରକୁ ଦେଖିଲେ ଜଣାଯାଏ ଯେ ସେ ସମୟରେ ମଣିଷ ନିଜର ଭାବନାକୁ ଚିତ୍ର ଦ୍ୱାରା ଅଙ୍କନ କରିବାରେ ସମର୍ଥ ହୋଇପାରିଥିଲା।

ତୃତୀୟ ପର୍ଯ୍ୟାୟରେ ଚିତ୍ର ସହିତ ଲିପିର ଅଙ୍କନ କରାଗଲା। ଦଶହଜାର (୧୦,୦୦୦) ବର୍ଷ ତଳର ଯୋଗୀମଠ ଚିତ୍ରଲିପି ଏହାର ଦୃଷ୍ଟାନ୍ତ। ଏଥିରେ ତିନୋଟି ଲିପିର ସ୍ପଷ୍ଟ ଉଲ୍ଲେଖ ରହିଛି। ସେଗୁଡିକ ଯଥାକ୍ରମେ ଗ,ଇ,ଠ। 'ଠ' ଲିପିଟି ଆଜି ପର୍ଯ୍ୟନ୍ତ ସମସ୍ତ ଭାରତୀୟ ଲିପିମାଳାରେ ବ୍ୟବହୃତ।

- ତୃତୀୟ ପର୍ଯ୍ୟାୟରେ ଚିତ୍ର ସହିତ ଲିପିର ଅଙ୍କନ କରାଗଲା। ୧୦ହଜାର ବର୍ଷ ତଳର ଯୋଗୀମଠ ଚିତ୍ରଲିପି ଏହାର ଦୃଷ୍ଟାନ୍ତ। ଏଥିରେ ତିନୋଟି ଲିପିର ବହୁ ଉଲ୍ଲେଖ ରହିଛି। ଯଥା- ଘ,ଇ,୦। '୦'ଲିପି ଆଜି ପର୍ଯ୍ୟନ୍ତ ସମସ୍ତ ଭାରତୀୟ ଲିପିମାନଙ୍କରେ ବ୍ୟବହୃତ।




ଲିପି ସହିତ ସଭ୍ୟତାର ବିକାଶ ଯୋଡ଼ି ହୋଇ ଯାଇଥିବାରୁ ଭାରତର ପ୍ରାଚୀନ ସଭ୍ୟତା ଭାବରେ ପରିଚିତ ସିନ୍ଧୁ ସଭ୍ୟତାର ନଗରରେ ଅଙ୍କିତ ଲିପିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ବାରଲକ୍ଷ ଷାଠିଏ ହଜାର(୧୨,୬୦,୦୦୦) ବର୍ଗ କିଲୋମିଟର ବିଶିଷ୍ଟ ସେହି ସମୟର ସର୍ବବୃହତ୍ ପ୍ରାଚୀନ ନଗର ଭାବରେ ପରିଚିତ ସିନ୍ଧୁ ସଭ୍ୟତାରେ ଖ୍ରୀ.ପୂ. ୩୫୦୦ରୁ ଖ୍ରୀ.ପୂ. ୧୮୦୦ ମଧ୍ୟରେ ପ୍ରଚଳିତ ବିଭିନ୍ନ ମୋହର, ମାଟିପାତ୍ର, ମୂର୍ତ୍ତି ଆଦିରେ ପ୍ରାୟ ୧୦ହଜାରରୁ ଅଧିକ ଲିପି ବ୍ୟବହୃତ ହୋଇଛି। ଏହି ଲିପିଗୁଡ଼ିକ ସ୍ଥାନେସ୍ଥାନେ କେତେକ ଚିତ୍ର ସହିତ ଥିବାବେଳେ ଆଉ କେତେକ ଲିପି ସଂପୂର୍ଣ୍ଣ ସ୍ୱାଧୀନ ଭାବରେ ଚିତ୍ରିତ ହୋଇଛି। ଭାରତର ପ୍ରଥମ ନଗର ସଭ୍ୟତା ପରେ ଦ୍ୱିତୀୟ ସଭ୍ୟତା ଗଙ୍ଗାନଦୀ କୂଳରେ ଖ୍ରୀ.ପୂ. ୧୦ମ ଶତାବ୍ଦୀ ବେଳକୁ ଆରମ୍ଭ ହେଲା। ଏହି ସଭ୍ୟତାର ବିକଶିତ ନଗର ସଭ୍ୟତା ହେଉଛି 'ମଗଧ'। ମଗଧ ରାଜା ଅଶୋକଙ୍କ ଦ୍ୱାରା ଖ୍ରୀ.ପୂ. ୩ୟ ଶତାବ୍ଦୀରେ ୪୯(ଅଣଚାଶ)ଟି ସ୍ଥାନରୁ ପ୍ରାପ୍ତ ୧୫୧ଟି ଅଭିଲେଖରେ ବ୍ରାହ୍ମୀଲିପିରେ ପ୍ରାଚୀନ ସ୍ୱରୂପ ଦେଖିବାକୁ ମିଳେ। ଏସବୁ ଲିପି ସହିତ ସିନ୍ଧୁ ଲିପିର ବହୁତ ସାମଞ୍ଜସ୍ୟ ରହିଛି ବୋଲି ହଣ୍ଟର(G.R.Hunter) ଓ ମହାଦେବନ୍ (Iravatham Mahadevan) ପ୍ରମାଣ କରି ଦେଖାଇଛନ୍ତି।

ସିନ୍ଧୁଲିପି ଓ ବ୍ରାହ୍ମୀଲିପି ମଧ୍ୟରେ ପ୍ରାୟ ୧୫ଶହ ବର୍ଷ ବ୍ୟବଧାନ ଥିବାରୁ ଅନେକ ଲିପି ବିଶେଷଜ୍ଞ ଉଭୟ ଲିପି ମଧ୍ୟରେ ଥିବା ସଂପର୍କକୁ ଗ୍ରହଣ କରିପାରୁ ନାହାନ୍ତି। ମାତ୍ର ଏହି ବ୍ୟବଧାନକୁ ଦୂର କରିବାକୁ ହେଲେ ନଗର ସଭ୍ୟତା ଲିପି ବଦଳରେ ଆମକୁ ଆଦିମାନବର ଗୁମ୍ଫା ଚିତ୍ରଲିପିକୁ ଆଲୋଚନା କରିବାକୁ ପଡ଼ିବ। ଓଡ଼ିଶାର ବିକ୍ରମଖୋଲ ଗୁମ୍ଫାଲିପି ଏହାର ମୁଖ୍ୟ ସଂଯୋଗକାରୀ ଭାବରେ ଗ୍ରହଣ କରାଯାଇପାରେ।



ନିମ୍ନ ପ୍ରଦତ୍ତ ଫଟୋଚିତ୍ରରୁ ଆମେ ଅଧିକ ସ୍ପଷ୍ଟ ହେବା। ବିକ୍ରମଖୋଲ ଗୁମ୍ଫାଲିପିର ଆବିଷ୍କାରକ ବିଶିଷ୍ଟ ଐତିହାସିକ କାଶୀପ୍ରସାଦ ଜୟସ୍ୱାଲଙ୍କ ମତରେ ଏହି ଲିପି ସିନ୍ଧୁ ଲିପିର ପରବର୍ତ୍ତୀ କାଳର ଲିପି, ଯାହା ଅଶୋକକାଳୀନ ବ୍ରାହ୍ମୀଲିପି ସହିତ ସଂପର୍କ ସ୍ଥାପନ କରେ।




(The Vikramkhol Inscription: *The Indian Antiquary*, Vol-LXII, Pp. 58-60.)

ବିକ୍ରମଖୋଲ ଗୁମ୍ଫାଲିପିରେ ମୋଟ ତିନିଟି ମୁଖ୍ୟ ଧାଡ଼ିରେ ୪୨ଟି ଲିପି ଲେଖାଯାଇଛି।

ବିକ୍ରମଖୋଲ ଗୁମ୍ଫାଲିପିରେ ମୋଟ ତିନୋଟି ମୁଖ୍ୟ ଧାଡ଼ିରେ ମୋଟ ୪୨ଟି ଲିପି ଲେଖାଯାଇଛି। ଏଥିରେ ମୋଟ ୨୩ଟି ଲିପି ସ୍ପଷ୍ଟ ଭାବରେ ଚିହ୍ନଟ କରିହେଉଛି, ଯାହା ସିନ୍ଧୁ ଓ ବ୍ରାହ୍ମୀଲିପି ସହିତ ମିଶୁଛି। କେତେକ ଲିପି ଏକାଧିକ ଥର ଲେଖାଯାଇଛି। ଆବଶ୍ୟକ ସ୍ଥଳେ ଅନୁସ୍ୱାର ('୦') ପ୍ରୟୋଗ ହୋଇଥିବାର ଦେଖାଯାଏ। ଲେଖା ସ୍ଥାନରେ କୌଣସି ଜୀବର ଚିତ୍ର ଦେଖିବାକୁ ମିଳି ନଥିବାରୁ ଏହି ସମୟ ବେଳକୁ ଲିପିର କ୍ରମଲିଖନ ପଦ୍ଧତି ଆବିଷ୍କୃତ ହୋଇ ସାରିଥିବା ଜଣାଯାଏ। କେତେକ ଲିପି ଯୋଡ଼ିହୋଇ ଥିବାରୁ ସଂଯୁକ୍ତ ବର୍ଣ୍ଣ ଲେଖିବା କୌଶଳ ସୃଷ୍ଟି ହୋଇଥିବାର ଅନୁମିତ ହୁଏ। ଲିପିର ନିମ୍ନ ଓ ଉପରେ କିଛି ସାଙ୍କେତିକ ଚିହ୍ନ ଥିବାରୁ 'ଫଳା' କିମ୍ବା 'ମାତ୍ରା' ଚିହ୍ନ ପ୍ରୟୋଗ ହୋଇଥିବାର ଜଣାଯାଏ।

ଲିପିର କ୍ରମ ବିବର୍ତ୍ତନ ଗତି ସଂପର୍କରେ ନିମ୍ନଲିଖିତ ରେଖାଚିତ୍ର ମାଧ୍ୟମରେ ଆମେ ସହଜରେ ଓଡ଼ିଆ ଲିପି ପର୍ଯ୍ୟନ୍ତ ଗତିକୁ ବୁଝିପାରିବା।

**୪୦ ହଜାର ବର୍ଷ ତଳର ଗୁମ୍ଫା ମଧ୍ୟରେ ଥିବା ପଥର ଉପରେ ଅଙ୍କିତ ଚିତ୍ରଲିପି।**




(ଆଲୋଚନା ଡଃ. ସୁବ୍ରତ କୁମାର ପୃଷ୍ଟି ଏହି ରେଖା ଚିତ୍ରର ଏକ ବୃହତ ତଥା ବ୍ୟାପକ ରେଖାଚିତ୍ର ନିଜ ଆଲୋଚନା ପୁସ୍ତକରେ ପ୍ରଦାନ କରିଛନ୍ତି। ଯାହାର ଏକ ସଂକ୍ଷିପ୍ତ ଚିତ୍ର ଏଠାରେ ଦିଆଯାଇଛି, କେବଳ ଓଡ଼ିଆ ଲିପି ପର୍ଯ୍ୟନ୍ତ ଗତିକୁ ଦର୍ଶାଇ।)

## ୨.୬ ସାରାଂଶ

- ବିଶ୍ୱଲିପି ପରି ଭାରତୀୟ ଲିପି ଭାରତର ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଛି ।
- ବିଶ୍ୱରେ ଦେଖାଦେଇଥିବା ସମସ୍ତ ପ୍ରାଚୀନ ସଭ୍ୟତାର ଲିପି ଗୁଡ଼ିକ ଆଦିମାନବର ଗୁମ୍ଫା ଚିତ୍ରାବଳୀରୁ ସୃଷ୍ଟି ।
- ଲିପିର ପ୍ରାଥମିକ ଅବସ୍ଥାରେ ପଶୁ ଓ ମଣିଷମାନଙ୍କ ଚିତ୍ର ଅଙ୍କା ଯାଉଥିଲା ।
- ଏଥିରେ ତତ୍‌କାଳୀନ ମଣିଷ ସମାଜର ଭାବର ଅଭିବ୍ୟକ୍ତି ରହିଛି ।
- ଭାରତରେ ୪୦ ହଜାର ବର୍ଷତଳର ପ୍ରଚୁର ଗୁମ୍ଫାଚିତ୍ର ରହିଛି ।
- ଲିପିର ଦ୍ୱିତୀୟ ପର୍ଯ୍ୟାୟ ବେଳକୁ ବିଭିନ୍ନ ଜ୍ୟାମିତିକ ଚିତ୍ର ଅଙ୍କନ କରାଯାଉଥିଲା ।
- ବର୍ତ୍ତମାନର ଉତ୍ତରପ୍ରଦେଶ, ମଧ୍ୟ ପ୍ରଦେଶ ଏବଂ ଓଡ଼ିଶାର ବିଭିନ୍ନ ସ୍ଥାନରୁ ସର୍ବପୁରାତନ ଚିତ୍ରଲିପି ବହୁଳ ପରିମାଣରେ ପ୍ରାପ୍ତ ହୋଇଅଛି ।
- ଜ୍ୟାମିତିକ ଚିତ୍ର ଅଙ୍କନ ପର ପର୍ଯ୍ୟାୟରେ ଚିତ୍ର ସହିତ ଲିପି ଅଙ୍କନ କରାଗଲା ।
- ଲିପି ସହିତ ସଭ୍ୟତାର ବିକାଶ ଅଙ୍ଗାଙ୍ଗୀଭାବେ ଜଡ଼ିତ ।
- ସିନ୍ଧୁ ସଭ୍ୟତାର ମୋହର, ମାଟିପାତ୍ର ଓ ମୂର୍ତ୍ତିରେ ପ୍ରାୟ ୧୦ ହଜାରରୁ ଅଧିକ ଲିପି ଦେଖିବାକୁ ମିଳେ ।
- ଭାରତର ଦ୍ୱିତୀୟ ସଭ୍ୟତା ଗଂଗାନଦୀ କୂଳରେ ଖ୍ରୀ.ପୂ:୧୦ମ ଶତାବ୍ଦୀବେଳକୁ ଆରମ୍ଭ ହୋଇଥିଲା ।
- ଅଶୋକଙ୍କ ସମୟର ଅଭିଲେଖରେ ବ୍ରାହ୍ମୀଲିପିର ପ୍ରାଚୀନ ସ୍ୱରୂପ ଦେଖିବାକୁ ମିଳେ ।
- ସିନ୍ଧୁ ଲିପି ଓ ବ୍ରାହ୍ମୀ ଲିପି ମଧ୍ୟରେ ଦୀର୍ଘ ଶହ ବର୍ଷର ବ୍ୟବଧାନ ସତ୍ତ୍ୱେ କେତେକ ସାମଞ୍ଜସ୍ୟ ଅଛି ।
- ଓଡ଼ିଶାର ବିକ୍ରମଖୋଲ ଗୁମ୍ଫାଲିପିରେ ମୋଟ ୨୩ଟି ଲିପିକୁ ସ୍ୱଷ୍ଟ ଭାବରେ ଚିହ୍ନଟ କରିହେଉଛି, ଯେଉଁଥିରୁ ସେ ସମୟ ବେଳକୁ କ୍ରମିକ ଲିଖନ ପଦ୍ଧତି ଆରମ୍ଭ ହୋଇସାରିଥିବା କଥା ଜଣାଯାଏ ।

## ୨.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

### ୧. ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ

(କ) ଭାରତୀୟ ଲିପିର ଉଦ୍ଭବ ସଂପର୍କରେ ସଂକ୍ଷେପରେ ଲେଖ ।

(ଖ) ଭାରତୀୟ ଲିପିର ବିକାଶରେ ଶିଳାଲେଖର ଭୂମିକା ସଂପର୍କରେ ସଂକ୍ଷିପ୍ତ ସୂଚନା ପ୍ରଦାନ କର ।

(ଗ) ଭାରତର ନଗର ସଭ୍ୟତା ସହ ଲିପିର ସଂପର୍କ କ'ଣ, ଉଦାହରଣ ସହ ସଂକ୍ଷିପ୍ତ ଉତ୍ତର ଲେଖ ।

(ଘ) ଓଡ଼ିଶାର କେଉଁ କେଉଁ ସ୍ଥାନରୁ ପ୍ରସ୍ତର ଲିପି ଆବିଷ୍କୃତ ହୋଇଛି ?

(ଙ) ବିକ୍ରମଖୋଲ ଗୁମ୍ଫାଲିପିର ବିଶେଷତ୍ୱ ସଂକ୍ଷେପରେ ଲେଖ।

**୨. ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ**

(କ) ଭାରତୀୟ ଲିପିର ବିକାଶରେ ଶିଳାଲେଖର ଭୂମିକା ସଉଦାହରଣ ବୁଝାଇ ଲେଖ।

(ଖ) ଭାରତର ନଗର ସଭ୍ୟତା ସହିତ ଲିପିର ଘନିଷ୍ଠ ସଂପର୍କ ରହିଛି କିପରି, ବିଭିନ୍ନ ସଭ୍ୟତା ମାଧ୍ୟମରେ ପ୍ରମାଣ କର।

(ଗ) ପଠିତ ବିଷୟକୁ ଧ୍ୟାନରେ ରଖି ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟର ଲିପି ସହିତ ବିକ୍ରମଖୋଲ ଲିପି ମଧ୍ୟରେ ଥିବା ବିବର୍ତ୍ତନ ସଂପର୍କରେ ବୁଝାଅ।

## ୨.୮ ସହାୟକ ଗ୍ରନ୍ଥସୂଚୀ


- ଓଡ଼ିଆ ଲିପି ଓ ଭାଷା : ଡଃ ଖଗେଶ୍ୱର ମହାପାତ୍ର
- ଓଡ଼ିଆ ଭାଷାର ସୃଷ୍ଟି ଓ ବିକାଶ : ଡଃ ଉପେନ୍ଦ୍ର ପ୍ରସାଦ ଦଳାଇ
- ଓଡ଼ିଆ ଭାଷାତତ୍ତ୍ୱ ଓ ଲିପିର ବିକାଶ : ଡଃ କୁଞ୍ଜବିହାରୀ ତ୍ରିପାଠୀ
- ଓଡ଼ିଆ ଲିପିର କ୍ରମବିକାଶ : ଡଃ ସତ୍ୟନାରାୟଣ ରାଜଗୁରୁ

# ତୃତୀୟ ଏକକ
# ବ୍ରାହ୍ମୀ ଲିପି: ଉଦ୍ଭବ ଓ ବିକାଶ, ଓଡ଼ିଆ ଲିପି ପର୍ଯ୍ୟନ୍ତ ଏହାର ଗତି

**ବିଷୟ ଗଠନ:**

୩.୧ ପଠନର ଉଦ୍ଦେଶ୍ୟ
୩.୨ ଶିକ୍ଷଣୀୟ ବିଷୟ
୩.୩ ବିଷୟ ପ୍ରବେଶ
୩.୪ ବ୍ରାହ୍ମୀ ଲିପି ଉଦ୍ଭବ ଓ ଏହାର ବିକାଶ
୩.୫ ଭାରତରେ ବ୍ରାହ୍ମୀ ଲିପିର ପ୍ରଚଳନ,ସମୟ,ବିକାଶ ଏବଂ ଓଡ଼ିଆଲିପିକୁ ପ୍ରବେଶ ପଥରେ ଭୂମିକା
୩.୬ ସାରାଂଶ
୩.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୩.୮ ସହାୟକ ଗ୍ରନ୍ଥସୂଚୀ

## ୩.୧ ପଠନର ଉଦ୍ଦେଶ୍ୟ

ଭାରତୀୟ ଲିପିମାନଙ୍କ ସମ୍ପର୍କରେ ଆଲୋଚନା କଲାବେଳେ ବ୍ରାହ୍ମିଲିପିର ଉଦ୍ଭବ ଓ ବିକାଶ ସମ୍ବନ୍ଧରେ ଜାଣିବା ନିତାନ୍ତ ଆବଶ୍ୟକ। ପ୍ରାଚୀନ ଭାରତୀୟ ଶିଳାଲେଖରେ ଏହାର ପ୍ରାଥମିକ ଅବସ୍ଥା ଦୃଷ୍ଟିଗୋଚର ହୁଏ। ଏହି ଲିପିରେ ବିଭିନ୍ନ ମାତ୍ରାର ବ୍ୟବହାର ହେଉଥିଲା। ଐତିହାସିକ ପ୍ରତ୍ନତତ୍ତ୍ୱ ଜନିତ ସତ୍ୟତା ଆଧାରରେ ଆବିଷ୍କୃତ ବ୍ରାହ୍ମିଲିପି - ବିଭିନ୍ନ ଶାସକଙ୍କ ଦ୍ୱାରା ବ୍ୟାପକ ହୋଇଥିଲା। ଏହାର ଭାଷାତାତ୍ତ୍ୱିକ ଓ ଧ୍ୱନିତାତ୍ତ୍ୱିକ ବିଶେଷତ୍ୱ ରହିଛି। ଏହି ଏକକରେ ଉପରୋକ୍ତ ସମସ୍ତ ବିଷୟ ଆଲୋଚନା କରାଯାଇଛି। ଭାରତର ବିଭିନ୍ନ ଭାଷାର ଲିପି ସୃଷ୍ଟି କ୍ଷେତ୍ରରେ ବ୍ରାହ୍ମିଲିପିର ଭୂମିକା ସ୍ୱତନ୍ତ୍ର। ଏହି ଲିପିରେ ଥିବା ୬୪ (ଚଉଷଠି) ଗୋଟି ଚିହ୍ନ ସହିତ ହ୍ରସ୍ୱ ଓ ଦୀର୍ଘ ମାତ୍ରାର ବ୍ୟବହାର ଦେଖିବାକୁ ମିଳେ। ବ୍ରାହ୍ମିଲିପିର ଲିପି ତାତ୍ତ୍ୱିକ ଓ ଭାଷା ତାତ୍ତ୍ୱିକ ଅଧ୍ୟୟନ ସହିତ ଓଡ଼ିଆ ଲିପିର ସମ୍ପର୍କକୁ ଏହି ଅଧ୍ୟାୟରେ ଆଲୋଚନା କରାଯାଇଛି। ଯାହା ବିଦ୍ୟାର୍ଥୀମାନଙ୍କ ପାଇଁ ଉପାଦେୟ ହେବ।

## ୩.୨ ଶିକ୍ଷଣୀୟ ବିଷୟ

ଏହି ଅଧ୍ୟାୟ ପଠନ ମାଧ୍ୟମରେ ବିଦ୍ୟାର୍ଥୀମାନେ ନିମ୍ନଲିଖିତ ବିଷୟରେ ଅବଗତ ହେବେ:-

- ବ୍ରାହ୍ମୀ ଲିପିର ଉଦ୍ଭବ ଓ ବିକାଶ ସମ୍ପର୍କରେ ଏହି ଅଧ୍ୟାୟରେ ସ୍ୱତନ୍ତ୍ର ଭାବରେ ସବିଶେଷ ଆଲୋଚନା କରାଯାଇଛି। ଏହା ଭାରତର ଏକ ପ୍ରାଚୀନ ଲିପି, ଯେଉଁଥିରୁ ଅନ୍ୟାନ୍ୟ ଲିପିର ସୃଷ୍ଟି ବୋଲି ବିଶେଷଜ୍ଞ ମତ ପ୍ରଦାନ କରନ୍ତି। ସେ ସମ୍ପର୍କରେ ଜାଣିବାକୁ ପାଇବେ।
- ଲିପି ବିକାଶରେ ଶିଳାଲେଖର ଭୂମିକା ସମ୍ପର୍କରେ ବିଦ୍ୟାର୍ଥୀମାନେ ଅବଗତ ହେଲେ।
- କାଳକ୍ରମେ ବ୍ରାହ୍ମୀଲିପିର ଆକୃତିଗତ ପରିବର୍ତ୍ତନ ହୋଇ ଗୁପ୍ତ ଲିପି ଓ ଅନ୍ୟାନ୍ୟ ଲିପିର ସୂତ୍ରପାତ ହେବା କଥା ଜାଣିବେ।
- ଏହି ଅଧ୍ୟାୟ ମାଧ୍ୟମରେ ବିଦ୍ୟାର୍ଥୀ ଭାରତୀୟ ଭାଷା ସହିତ ଲିପିର ସମ୍ପର୍କ, ଚିତ୍ରଲିପି, ଅନେକ ଶାସକଙ୍କ ଅନୁଶାସନ, କୁଶାଣକାଳୀନ ବ୍ରାହ୍ମୀଲିପି ଆଦି ସମ୍ପର୍କରେ ଅବଗତ ହେବେ।
- ବ୍ରାହ୍ମୀ ଓ ଏହାର ପରବର୍ତ୍ତୀ ଲିପି, ବ୍ରାହ୍ମୀ ଲିପିର ବିକାଶରେ ଭାରତର ଅନ୍ୟାନ୍ୟ ଲିପିର ସୃଷ୍ଟି, ଓଡ଼ିଆ ଲିପି ସୃଷ୍ଟିରେ ଏହାର ଭୂମିକା ଆଦିକୁ ଜାଣିବାର ସୁଯୋଗ ପାଇବେ।

## ୩.୩ ବିଷୟ ପ୍ରବେଶ

ବ୍ରାହ୍ମୀ ଲିପି ଆଲୋଚନା ଦୃଷ୍ଟିରୁ ଶିଳାଲେଖର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରଥମେ ଭାଷା ଓ ପରେ ଭାବ ପ୍ରକାଶ ପାଇଁ ଲିପିର ପ୍ରଚଳନ ହେଲା। ଓଡ଼ିଶାରେ ୨୦ ହଜାରରୁ ୧୦ ହଜାର ବର୍ଷ ମଧ୍ୟରେ ବିଭିନ୍ନ ଗୁମ୍ଫା, ଖୋଲ, ମଠ ଆଦିରେ ଚିତ୍ରଲିପିରୁ ବ୍ରାହ୍ମୀ ଲିପି ପର୍ଯ୍ୟନ୍ତ ଏହି ପ୍ରାଚୀନ ଲିପିର ଜୀବନ୍ତ ପ୍ରମାଣ ଦେଖିବାକୁ ମିଳେ। ଏହାର ପ୍ରାଚୀନତା, ଅକ୍ଷର ଗଠନ, ପରବର୍ତ୍ତୀ ସମୟରେ ସେହି ଲିପିର ସ୍ଥାୟୀ ରୂପରେଖ ଓ ଭାଷା କ୍ଷେତ୍ରରେ ତାହାର ପ୍ରଚଳନ ଆମେ ଦେଖିବାକୁ ପାଉଅଛନ୍ତି। ଓଡ଼ିଆ ଲିପିର ସୃଷ୍ଟି କ୍ଷେତ୍ରରେ ବ୍ରାହ୍ମୀ ଲିପିର ସଂପର୍କ ବିଷୟରେ ଏହି ଅଧ୍ୟାୟରେ ବିଷଦ ଭାବରେ ଆଲୋଚନା କରାଯାଇଛି।

ଓଡ଼ିଆ ଲିପିର ବିକାଶ ପ୍ରକ୍ରିୟାରେ ବ୍ରାହ୍ମୀ ଲିପିର ଭୂମିକା ସମ୍ପର୍କରେ ଅଧିକ ଅଧ୍ୟୟନ କରିବାର ଆବଶ୍ୟକତା ରହିଛି। ଆଲୋଚନା ଦୃଷ୍ଟିରୁ ବ୍ରାହ୍ମୀ ଲିପିର ଲିପିତାତ୍ତ୍ୱିକ ଓ ଭାଷାତାତ୍ତ୍ୱିକ ଅଧ୍ୟୟନ କରିବା ସହିତ ଓଡ଼ିଆ ଲିପିର ସମ୍ପର୍କକୁ ସାମଗ୍ରିକ ଭାବରେ ଏହି ଅଧ୍ୟାୟରେ ଆଲୋଚନା କରାଯାଇଛି। ଦୀର୍ଘ ହଜାର ବର୍ଷ ମଧ୍ୟରେ ଭାରତ ତଥା ଓଡ଼ିଶାରେ ବିଭିନ୍ନ ରାଜନୈତିକ (ରାଜାରାଜୁଡ଼ା ଶାସନ ବ୍ୟବସ୍ଥା), ସାମାଜିକ, ସାଂସ୍କୃତିକ ଉତ୍‌ଥାନ ପତନ ସତ୍ତ୍ୱେ ଏହି ବ୍ରାହ୍ମୀ ଲିପିର ସମ୍ଭାର ନଷ୍ଟ ନ ହୋଇ ବର୍ତ୍ତମାନ ମଧ୍ୟ ଭାରତୀୟ ତଥା ଉତ୍କଳୀୟ ଲିପିମାନଙ୍କର ଇତିହାସକୁ ଦର୍ଶାଉଅଛି।

ଆମେ ଗୋଟିଏ କଥା ସ୍ପଷ୍ଟ ହେଉଛନ୍ତି ଯେ, ପ୍ରାଚୀନ ଭାରତବର୍ଷ ତଥା ଓଡ଼ିଶାରେ ଲେଖିବାର ପ୍ରଧାନ ଉପକରଣ ଥିଲା ନିହାଣ, ଯାହା ଦ୍ୱାରା ପଥରକୁ ଖୋଳି ଲେଖା ଯାଉଥିଲା। କିନ୍ତୁ ସମୟ କ୍ରମେ ଭିନ୍ନ ଭିନ୍ନ ଅଞ୍ଚଳ, ବ୍ୟକ୍ତି, ଲିଖନ କଳାରେ ସମୃଦ୍ଧ ଲୋକଙ୍କ ଦ୍ୱାରା ଲେଖାଯାଇଥିବା ଲିପିଗୁଡ଼ିକର ଏକ

ପରିବର୍ତ୍ତନୀୟ ଆକାର, ପ୍ରକାର ଓ ଗୁଣକୁ ବିଶ୍ଳେଷଣ କରିବା ସହିତ ବ୍ରାହ୍ମୀ ଲିପିର ପ୍ରାରମ୍ଭ କାଳରୁ ଓଡ଼ିଆ ଲିପିର ପ୍ରଥମ ପର୍ଯ୍ୟାୟ ବା ସ୍ତର ପର୍ଯ୍ୟନ୍ତ ସମସ୍ତ ଲିପିମାନଙ୍କର ସ୍ଥିତି ନିରୂପଣ ଏହି ଅଧ୍ୟାୟରେ କରାଯାଇଛି ।

ବ୍ରାହ୍ମୀ ଲିପିର ଆଲୋଚନା ଦୃଷ୍ଟିରୁ ଏହାର କ୍ରମିକ ଉରଣ ବା ବିକଶିତ ରୂପରେଖ ସଂପର୍କରେ ସାମଗ୍ରିକ ବିଚାର ଆଲୋଚନା ଏକାନ୍ତ ଜରୁରୀ। ସେହି ଦୃଷ୍ଟିରୁ ଏହି ଲିପି, ବିଭିନ୍ନ ରଚନାରେ ଥିବା ବିଶେଷତ୍ୱ, ସମୟ ସୀମା ଇତ୍ୟାଦିକୁ ଆଲୋଚନା କରାଯାଇଛି । ଏଥିରେ ବ୍ରାହ୍ମୀ ଲିପିର ଏକ କ୍ରମିକ ଶୃଙ୍ଖଳା ଆମେ ଦେଖିବାକୁ ପାଇବା ।

## ୩.୪ ବ୍ରାହ୍ମୀ ଲିପି ଉଦ୍ଭବ ଓ ଏହାର ବିକାଶ

ଲିପି ଓ ଭାଷାତାତ୍ତ୍ୱିକ ଆଲୋଚନା ଦୃଷ୍ଟିକୋଣରୁ ଶିଳାଲେଖର ଲିପି ଓ ଭାଷା ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟେ । କାରଣ ଶିଳାଲେଖରେ ଖୋଦିତ ଲିପି ଓ ଏହାର ଭାଷା ପରିବର୍ତ୍ତନ ହେବା ଅସମ୍ଭବ । ଆଲୋଚକ ଓ ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କ ମତରେ ଭାରତୀୟ ଲିପିର ମୂଳସୂତ୍ର ଭାବରେ ବ୍ରାହ୍ମୀ ଲିପିକୁ ଗ୍ରହଣ କରାଯାଇଛି । କାରଣ ଭାରତ ତଥା ଓଡ଼ିଶାର ବିଭିନ୍ନ ସ୍ଥାନ, ଗୁମ୍ଫା, ପ୍ରସ୍ତର ଉପରେ ଖୋଦିତ ଅକ୍ଷର ଦେଖିବାକୁ ମିଳୁଥିଲେ ମଧ୍ୟ ସେଗୁଡ଼ିକୁ ଉପଯୁକ୍ତ ଭାବରେ ପାଠକରି ବିଶ୍ଳେଷଣ କରିବା ସହିତ ତାହାର ସ୍ୱତନ୍ତ୍ରତା ନିର୍ଣ୍ଣୟ କରାଯାଇ ପାରି ନଥିବା ହେତୁ ବ୍ରାହ୍ମୀ ଲିପିକୁ ହିଁ ପ୍ରାଚୀନତା ଦୃଷ୍ଟିରୁ ମୂଳସୂତ୍ର ବୋଲି ଗ୍ରହଣ କରାଯାଇଛି ।

ଉଚ୍ଚାରିତ ଧ୍ୱନିକୁ ଯିଏ ରୂପାୟିତ କରେ, ତାହାକୁ 'ଲିପି' କୁହାଯାଏ । ଗବେଷକମାନଙ୍କ ମତରେ ଚିତ୍ରଲିପି ହେଉଛି ଲିପିର ପ୍ରାଥମିକ ରୂପ। ଭାରତବର୍ଷରେ ଆବିଷ୍କୃତ ହୋଇଥିବା ଲିପିମାନଙ୍କ ମଧ୍ୟରେ 'ସୈନ୍ଧବ ଲିପି' ହେଉଛି ପ୍ରାଚୀନତମ। ମାତ୍ର ପଠିତବ୍ୟ ଲିପିମାନଙ୍କ ମଧ୍ୟରେ 'ପ୍ରାଚୀନ ବ୍ରାହ୍ମୀ ଲିପି' ହେଉଛି ସର୍ବପ୍ରଥମ। ସାଧାରଣତଃ ଲିପି ବିଶେଷଜ୍ଞଙ୍କ ମତରେ ଭାରତ ବର୍ଷରେ 'ଖରୋଷ୍ଠୀ' ଓ 'ବ୍ରାହ୍ମୀ ଲିପି' - ଏହି ଦୁଇ ଲିପି ପ୍ରଚଳିତ ଥିଲା । ବର୍ତ୍ତମାନ ଆଧୁନିକ ଭାରତୀୟ ଆର୍ଯ୍ୟ ଭାଷାମାନଙ୍କ ପାଇଁ ଯେଉଁ ସମସ୍ତ ଲିପି ବ୍ୟବହୃତ ତାହାର ମୂଳ ହେଉଛି ବ୍ରାହ୍ମୀ ଲିପି । ଅନ୍ୟାନ୍ୟ ଭାରତୀୟ ଲିପିମାନଙ୍କ ପରି ଓଡ଼ିଆ ଲିପି ବ୍ରାହ୍ମୀ ଲିପିର କ୍ରମ ବିବର୍ତ୍ତନ ଫଳରେ ଜନ୍ମ ହୋଇଛି ।

ଲିପି ବିଶେଷଜ୍ଞମାନଙ୍କ ମତରେ ବ୍ରାହ୍ମୀ ଲିପି ବିଭିନ୍ନ ସ୍ତର ଦେଇ ଗତି କରିଛି । ଏହାର ପ୍ରଥମସ୍ତରକୁ 'ପ୍ରାଚୀନ ବ୍ରାହ୍ମୀ ଲିପି' କୁହାଯାଏ (ଖ୍ରୀ.ପୂ: ୫ମ ଶତାବ୍ଦୀରୁ ଖ୍ରୀ.ପୂ: ୨ୟ ଶତାବ୍ଦୀ ପର୍ଯ୍ୟନ୍ତ) । ଅଶୋକଙ୍କ ଅନୁଶାସନ ଏହି ଲିପିରେ ଖୋଦିତ । ଧଉଳି ଓ ଜଉଗଡ଼ର ଧର୍ମାନୁଶାସନ ଗୁଡ଼ିକରେ ଏହି ଲିପି ବ୍ୟବହୃତ । ପରବର୍ତ୍ତୀ ବ୍ରାହ୍ମୀ ଲିପିର ସମୟ ହେଉଛି ଖ୍ରୀ.ପୂ: ୧ମ ଶତାବ୍ଦୀରୁ ଖ୍ରୀଷ୍ଟୀୟ ୩ୟ ଶତାବ୍ଦୀ । ଅଞ୍ଚଳ ଭେଦରେ ପ୍ରାଚୀନ ବ୍ରାହ୍ମୀଲିପିରେ କେତେକ ପରିବର୍ତ୍ତନ ଲକ୍ଷ୍ୟ କରାଗଲା । ମୁଖ୍ୟତଃ କୁଶାଣ ଶାସନରେ ଏହି ଲିପି ବ୍ୟବହୃତ ହୋଇଥିବାରୁ କେହି କେହି ଏହାକୁ 'କୁଶାଣ କାଳୀନ ବ୍ରାହ୍ମୀ ଲିପି' କହିଥାନ୍ତି । ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖରେ ଏହାର ବ୍ୟବହାର ହୋଇଛି । ଏହାର ପରବର୍ତ୍ତୀ ବିକାଶ ହେଉଛି ଗୁପ୍ତକାଳୀନ ଲିପି (ଖ୍ରୀଷ୍ଟୀୟ ୪ର୍ଥ ଶତାବ୍ଦୀରୁ ୭ମ ଶତାବ୍ଦୀ ପର୍ଯ୍ୟନ୍ତ) । ଗୁପ୍ତ ରାଜତ୍ୱ କାଳରେ ଏହି

ଲିପିର ପ୍ରଚଳନ ଥିଲା । ସପ୍ତମରୁ ଏକାଦଶ (୭ମରୁ ୧୧ଶ) ଶତାବ୍ଦୀ ମଧ୍ୟରେ ପରିଲକ୍ଷିତ ଲିପି ବିଭିନ୍ନ ନାମରେ ପରିଚିତ । ଏହାକୁ ମଧ୍ୟଯୁଗର କଳିଙ୍ଗ ଲିପି, ସୂକ୍ଷ୍ମକୋଣୀ ଲିପି, କଣ୍ଟକ ଶୀର୍ଷକ ଲିପି, କୀଳକ ଶୀର୍ଷକ ଲିପି, କୁଟୀଳ ଲିପି ଆଦି କୁହାଯାଏ । ମହାସାମନ୍ତ ମାଧବରାଜାଙ୍କ ଗଂଜାମ ତାମ୍ରଲେଖ, ଖୁଭକରଙ୍କ ନେଉଳପୁର ଅଭିଲେଖ, ବିଦ୍ୟାଧର ଭଞ୍ଜଙ୍କ ସନନ୍ଦ, କଟକର ସୋମବଂଶୀ ରାଜାଙ୍କର ଅଭିଲେଖ ଆଦିରେ ଏହି ଲିପିର ବ୍ୟବହାର ହୋଇଛି ।

ଖାରବେଳଙ୍କ ସମୟର ରାଜଭାଷା ପ୍ରଥମ ଶତାବ୍ଦୀବେଳକୁ ବିକଶିତ ହେବା ଆରମ୍ଭ ହେଲା । ଏହାର ଲିପିକୁ 'ଉଡ୍ର ଲିପି' କୁହାଗଲା । ପ୍ରଥମ ଶତାବ୍ଦୀରେ ରଚିତ ବୌଦ୍ଧ ଗ୍ରନ୍ଥ "ଲଳିତ ବିସ୍ତାର"ରେ ଉଲ୍ଲିଖିତ (୬୪) ଚଉଷଠି ପ୍ରକାର ଲିପି ତାଲିକାରେ 'ଉଗ୍ର' ବା 'ଉଡ୍ର' ଲିପିର ନାମୋଲ୍ଲେଖ ରହିଛି । ଜୈନଧର୍ମ ଗ୍ରନ୍ଥ 'ନନ୍ଦିସୂତ୍ର'ରେ ମଧ 'ଉଡ୍ର' ଲିପିର ଉଲ୍ଲେଖ ରହିଛି । ଅନେକ ତଥ୍ୟ ଓ ଆଲୋଚନାକୁ ଦୃଷ୍ଟିଦେଲେ ଆମେ ସ୍ପଷ୍ଟ ହେବା ଯେ ଭାରତର ବିକଶିତ ଲିପିମାନଙ୍କ ମଧ୍ୟରୁ ବ୍ରାହ୍ମୀ ଲିପି ପ୍ରାଚୀନ ତଥା ଅନ୍ୟ କେତେକ ଲିପିର ସ୍ରଷ୍ଟା ମଧ ।

## ୩.୫ ଭାରତରେ ବ୍ରାହ୍ମୀ ଲିପିର ପ୍ରଚଳନ, ସମୟ, ବିକାଶ ଏବଂ ଓଡ଼ିଆ ଲିପିକୁ ପ୍ରବେଶ ପଥରେ ଭୂମିକା

ଅଶୋକଙ୍କ ଅନୁଶାସନ ସମୂହ ଯେଉଁ ଲିପିରେ ଖୋଦିତ ତାହା ହିଁ ଭାରତର ସର୍ବପ୍ରଥମ ପଠିତବ୍ୟ ଲିପି ଭାବରେ ଗୃହୀତ । ପଣ୍ଡିତମାନେ ଏହାର ନାମକରଣ କରିଛନ୍ତି 'ପ୍ରାଚୀନ ବ୍ରାହ୍ମୀ ଲିପି' । ଏହା ଆନୁମାନିକ ଖ୍ରୀ.ପୂ: ୫ମ ରୁ ଖ୍ରୀ.ପୂ: ୨ୟ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରଚଳିତ ଥିଲା । ପ୍ରଥମ ଅବସ୍ଥାରେ ବ୍ରାହ୍ମୀଲିପି ଉପରେ ବିନ୍ଦୁଯୋଗ କରାଯାଉ ନଥିଲା । କିନ୍ତୁ ପରବର୍ତ୍ତୀ ବ୍ରାହ୍ମୀଲିପି ଉପରେ ଚୂଳ ଯୋଗ କରାଗଲା । ଓଡ଼ିଶାରେ ଅଶୋକଙ୍କ ଧଉଳିଗିରି ଓ ଜଉଗଡ଼ ଅନୁଶାସନରେ ଏବଂ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖରେ ଯଥାକ୍ରମେ 'ପ୍ରାଚୀନ ବ୍ରାହ୍ମୀ ଲିପି' ଓ 'ପରବର୍ତ୍ତୀ ବ୍ରାହ୍ମୀ ଲିପି'ର ନିଦର୍ଶନ ମିଳେ । ପ୍ରାଚୀନ ବ୍ରାହ୍ମୀ ଲିପିରେ ଖୋଦିତ ଅଶୋକଙ୍କର ଅନୁଶାସନରୁ ଆରମ୍ଭ କରି ଊନବିଂଶ ଶତାବ୍ଦୀରୁ ଶେଷଭାଗ ପର୍ଯ୍ୟନ୍ତ ଲିଖିତ ତାଳପତ୍ର ପୋଥି ସମୂହର ଅବଲମ୍ବନରେ ଓଡ଼ିଆ ଲିପିର ଏକ ଐତିହାସିକ ବିବରଣୀ ପ୍ରସ୍ତୁତ କରାଯାଇପାରେ ।

କାଳକ୍ରମେ 'ପରବର୍ତ୍ତୀ ବ୍ରାହ୍ମୀ ଲିପି'ର ଆକୃତିଗତ ପରିବର୍ତ୍ତନ ଘଟି 'ଗୁପ୍ତ ଲିପି'ର ସୂତ୍ରପାତ ହେଲା । ଗୁପ୍ତ ଲିପି ପ୍ରଚଳିତ ଥିଲା ଖ୍ରୀଷ୍ଟପର ୩ୟ ଶତାବ୍ଦୀରୁ ୭ମ ଶତାବ୍ଦୀ ପର୍ଯ୍ୟନ୍ତ । ଓଡ଼ିଶାରୁ ପ୍ରାପ୍ତ ସମକାଳୀନ ଶାସକମାନଙ୍କର କେତୋଟି ତାମ୍ରପାତ୍ରରେ 'ଗୁପ୍ତଲିପି'ର ନିଦର୍ଶନ ମିଳେ । ଏହି ତାମ୍ର ଶାସନ ସମୂହ ମଧ୍ୟରେ (୧) ଖ୍ରୀଷ୍ଟପର ୫୭୦ରେ ପ୍ରଦତ୍ତ ଧର୍ମରାଜଙ୍କ ସୁମଣ୍ଡଳ ତାମ୍ରଶାସନ, (୨) ଖ୍ରୀଷ୍ଟପର ୬୦୦ରେ ପ୍ରଦତ୍ତଲୋକ ବିଗ୍ରହଙ୍କ କଣାସ ତାମ୍ରଶାସନ, (୩) ଖ୍ରୀଷ୍ଟପର ୬୦୨ରେ ପ୍ରଦତ୍ତ ଶିବରାଜଙ୍କ ପଟିଆ ଜିଲ୍ଲା ତାମ୍ରଶାସନ ଓ (୪) ଖ୍ରୀଷ୍ଟପର ୬୨୦ରେ ପ୍ରଦତ୍ତ ଗଂଜାମ ତାମ୍ରଶାସନ ଆଦି ପ୍ରଧାନ । ଏସବୁକୁ ବିଚାରକୁ ନେଲେ 'ଗୁପ୍ତଲିପି' ଓଡ଼ିଶାରେ ୭ମ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରଚଳିତ ଥିବାର ସୂଚନା ମିଳେ । ଓଡ଼ିଆ ବର୍ଣ୍ଣମାଳାର ଖ, ଗ, ଣ, ଥ, ଦ ଏବଂ ଶ ଲିପି ଛଅଗୋଟିର ଆଧୁନିକ ଆକୃତି

'ଗୁପ୍ତଲିପି'ର ସେହି ବର୍ଣ୍ଣମାନଙ୍କ ସହିତ ସାମଞ୍ଜସ୍ୟ ରକ୍ଷା କରେ। ଉକ୍ତ ଲିପି ସହିତ ସମ୍ରାଟ ସମୁଦ୍ର ଗୁପ୍ତଙ୍କ ପ୍ରୟୋଗସ୍ତମ୍ଭ ଲିପିର ସାମଞ୍ଜସ୍ୟ ଥିବାରୁ ଏହାକୁ ଗୁପ୍ତଲିପି ନାମରେ ନାମିତ କରାଯାଏ।।

ଅକ୍ଷରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ପରବର୍ତ୍ତୀ ବ୍ରାହ୍ମୀଲିପିରେ ଚୂଳ ସଂଯୋଗ କରାଯାଇଥିଲା ବୋଲି ପୂର୍ବରୁ କୁହାଯାଇଛି। ତାହାର ପ୍ରମାଣ ମିଳେ ଖ୍ରୀଷ୍ଟପର ୫ମ ଶତାବ୍ଦୀରୁ ୮ମ ଶତାବ୍ଦୀ ମଧ୍ୟରେ ଦକ୍ଷିଣ କୋଶଳ ଓ କଳିଙ୍ଗରେ ପ୍ରଚଳିତ ପେଟିକାଶୀର (Box-headed) ଲିପି। ଏହି ବର୍ଣ୍ଣମାଳାର ପ୍ରାୟ ପ୍ରତ୍ୟେକ ଅକ୍ଷରର ଶୀର୍ଷକୁ ପେଡ଼ି ପରି ଚାରିକୋଣିଆ କରାଯାଇଥିବାରୁ ଏହାର ଏପରି ନାମକରଣ କରାଯାଇଛି। ଶଙ୍କୁଶିର ବା କୁଟୀଳ ଲିପି ଏହାର ଅନ୍ୟନାମ। ଗୁପ୍ତଯୁଗର ଅବସାନ ପରେ ବାକାଟକ ବଂଶୀୟ ରାଜାମାନେ ମଧ୍ୟ ଭାରତ ସମେତ ସମଗ୍ର ଆର୍ଯ୍ୟାବର୍ତ୍ତରେ ଆଧିପତ୍ୟ ବିସ୍ତାର କରିଥିଲେ। ସର୍ବପ୍ରଥମେ ଏହି ବାକାଟକ ବଂଶୀୟ ମହାରାଜା ପ୍ରବରସେନ ୨ୟଙ୍କ ତାମ୍ର ଫଳକରେ ପେଟିକାଶୀର ଲିପିର ସ୍ପଷ୍ଟ ନିଦର୍ଶନ ମିଳେ। ଖ୍ରୀଷ୍ଟପର ୬ଷ୍ଠ ଶତାବ୍ଦୀରେ ବାକାଟକ ବଂଶର ଅବସାନ ହେଲା ଏବଂ ସେମାନଙ୍କ ରାଜ୍ୟ ନଳବଂଶୀୟ ରାଜାମାନଙ୍କ ହସ୍ତଗତ ହେଲା। ନଳବଂଶୀୟ ରାଜା ଭବଦତ୍ତବର୍ମା, ତାଙ୍କ ପରେ ଶରଭପୁରୀୟ ରାଜା ମହାବାସୁଦେବ ଏବଂ ତାଙ୍କ ପରବର୍ତ୍ତୀ କାଳରେ ଦକ୍ଷିଣ କୋଶଳର ଶ୍ରୀପୁରଠାରେ ଶାସନ କରୁଥିବା ପାଣ୍ଡୁ ବଂଶୀୟ ରାଜା ମହାଶିବତିବରଦେବଙ୍କ ପ୍ରଦତ୍ତତାମ୍ରଫଳକ ଓ ସ୍ୱର୍ଣ୍ଣମୁଦ୍ରାରେ ମଧ୍ୟ ପେଟିକାଶୀର ଲିପିର ବ୍ୟବହାର ଦେଖିବାକୁ ମିଳେ। ସମକାଳୀନ ମଧ୍ୟ-ଭାରତରେ ଏହି ଧରଣର ଲିପିର ବହୁଳ ଆଦର ଓ ପ୍ରଚଳନ ଥିବା ଜଣାଯାଏ। କଳିଙ୍ଗର ଗଙ୍ଗବଂଶୀୟ ରାଜା ଇନ୍ଦ୍ରବର୍ମା, ସାମନ୍ତବର୍ମା ଓ ହସ୍ତୀବର୍ମାଙ୍କ ଦାନପାତ୍ର ମାନଙ୍କରେ ପେଟିକାଶୀର ଲିପି ବ୍ୟବହୃତ ହୋଇଥିବା ଦେଖାଯାଏ। ତତ୍‌କାଳୀନ ଓଡ଼ିଶାର ଦକ୍ଷିଣ ଓ ପଶ୍ଚିମାଞ୍ଚଳ ବ୍ୟତୀତ ଅନ୍ୟ ଅଞ୍ଚଳରେ ଏହି ଲିପିର ପ୍ରଚଳନ ସମ୍ବନ୍ଧରେ କୌଣସି ପ୍ରମାଣ ମିଳେ ନାହିଁ।

ଖ୍ରୀଷ୍ଟପର ୭ମ-୮ମ ଶତାବ୍ଦୀ ପରେ ଭାରତର ବିଭିନ୍ନ ପ୍ରଦେଶରେ ଆଞ୍ଚଳିକ ଭାଷା ମୁଣ୍ଡ ଟେକିଲା। ତେଣୁ ସେ ସମୟରେ ପ୍ରଚଳିତ ଲିପି ମଧ୍ୟ ଆଞ୍ଚଳିକ ପ୍ରଭାବ ଦ୍ୱାରା ପ୍ରଭାବିତ ହେଲା। କାଳକ୍ରମେ ପ୍ରାଦେଶିକ ଲିପିଗୁଡ଼ିକ ମଧ୍ୟରେ ଅସାମଞ୍ଜସ୍ୟ ବୃଦ୍ଧି ପାଇବାକୁ ଲାଗିଲା ଏବଂ ଉତ୍ତର ଭାରତୀୟ ଓ ଦକ୍ଷିଣ ଭାରତୀୟ ଲିପି ଭେଦରେ ଭାରତୀୟ ଲିପି ଦୁଇଭାଗରେ ବିଭକ୍ତ ହୋଇଗଲା। ଏହି ଦୁଇ ଅଞ୍ଚଳର ଲିପି ମଧ୍ୟରେ ଏତେ ପାର୍ଥକ୍ୟ ରହିଲା ଯେ ଉଭୟ ଏକ ପ୍ରାଚୀନ ଲିପି 'ବ୍ରାହ୍ମୀ'ରୁ ସୃଷ୍ଟି ହୋଇଛନ୍ତି ବୋଲି ମନେ ହେଲା ନାହିଁ।

ଆମେ ଆରମ୍ଭରୁ ସ୍ପଷ୍ଟ ହୋଇଛନ୍ତି ଯେ, ଭାରତର ପ୍ରାଚୀନ ଲିପି ଭାବରେ 'ବ୍ରାହ୍ମୀଲିପି'କୁ ସ୍ୱୀକାର କରାଯାଇଛି। ଭାରତରେ ସିନ୍ଧୁ ସଭ୍ୟତାର ଅନ୍ୟ ଏକ ଦୁର୍ଗ ଧୋଲବିରା ନଗର ପ୍ରବେଶ ପଥ ଉପରେ ଧଳା ପଥରର ଫଳକରେ ଖୋଦିତ ଅକ୍ଷର ଏବଂ ଓଡ଼ିଶା ସମେତ ଭାରତର ବିଭିନ୍ନ ସ୍ଥାନରେ ମିଳିଥିବା ପ୍ରାଗ୍‌ଐତିହାସିକ ଚିତ୍ର ମାନଙ୍କରେ କିଛିକିଛି ଅକ୍ଷର ଦେଖିବାକୁ ମିଳେ। ମାତ୍ର ସେସବୁ ପାଠ ହୋଇ ନଥିବାରୁ ଭାରତୀୟ ଲିପିର ମୂଳସୂତ୍ର ଭାବରେ ବ୍ରାହ୍ମୀ ଲିପିକୁ ଗ୍ରହଣ କରାଯାଇଛି।

ବ୍ରାହ୍ମୀ ଲିପି ନାମକରଣ ପ୍ରସଂଗରେ କେତେକ ଅବୈଜ୍ଞାନିକ ମତ ରହିଛି। ଆଲୋଚନାର ବ୍ୟାପକତା ଦୃଷ୍ଟିରୁ ଏଠାରେ ସେସବୁ ମଧ୍ୟରୁ କେତୋଟିର ଅବତାରଣା କରାଗଲା। ଚୀନ ବିଶ୍ୱକୋଷ ଫା-ବାନ୍-ଶୁ-ଲିନ୍ ଅନୁସାରେ ବିଶ୍ୱରେ ତିନୋଟି ଲିପି ପ୍ରଚଳିତ। ଯଥା - ବ୍ରାହ୍ମୀ, କଇଅଲୁ ଓ ତନସକ। ବ୍ରାହ୍ମୀ

ଲିପିର ସ୍ରଷ୍ଟା ବ୍ରହ୍ମା (ଫାନ) ଓ ସେ ଏହାକୁ ବାମରୁ ଡାହାଣକୁ ଲେଖୁଥିଲେ। ଜୈନଗ୍ରନ୍ଥ 'ଭଗବତୀ ସୂତ୍ର' ଅନୁସାରେ ତୀର୍ଥଙ୍କର ଋଷଭଦେବନାଥ ନିଜ କନ୍ୟା ବର୍ମ୍ମିରଙ୍କ ବିଦ୍ୟାଶିକ୍ଷା ପାଇଁ ଏକ ଲିପି ଆବିଷ୍କାର କରିଥିଲେ। ଏହାକୁ ବର୍ମ୍ମି ବା ବ୍ରାହ୍ମୀ ଲିପି କୁହାଯାଏ। ସେଥିପାଇଁ ଭଗବତୀ ସୂତ୍ର ଆରମ୍ଭରେ କୁହାଯାଇଛି 'ନମୋ ବର୍ମ୍ମିଏ ଲିଖିଏ'। ଐତିହାସିକ ଆଲବେରୁଣୀଙ୍କ ମତାନୁସାରେ ବ୍ରହ୍ମାଙ୍କ ଦ୍ୱାରା ଆବିଷ୍କୃତ ଲିପି ହେଉଛି ବ୍ରାହ୍ମୀ। ବିଦେଶୀ ଐତିହାସିକ କନିଂହୋମଙ୍କ ମତାନୁସାରେ ପ୍ରାଣ ଐତିହାସିକ ମାନବ ନିଜ ଭାବ ଅଭିବ୍ୟକ୍ତି ପାଇଁ ସର୍ବପ୍ରଥମେ ଚିତ୍ର ମାଧ୍ୟମରେ ଉଦ୍ୟମ କରିଥିଲେ। ଅର୍ଥାତ୍ ବ୍ରାହ୍ମୀର ପୂର୍ବବର୍ତ୍ତୀ ଲିପି ଚିତ୍ରଲିପି ଥିଲା। ଡ. ରାମଶାସ୍ତ୍ର ତନ୍ତ୍ରଶାସ୍ତ୍ର ଅନୁସାରେ ବିଚାର କରି ବ୍ରାହ୍ମୀଲିପିର ବିଭିନ୍ନ ଅକ୍ଷରକୁ ବିଭିନ୍ନ ଦେବତା ଓ ଦେବନଗର ଚିହ୍ନଟ କରିବା ସହିତ ତନ୍ତ୍ରସାଧନା ପାଇଁ ବ୍ୟବହୃତ ପତ୍ର ଓ ଫଳକରେ ତ୍ରିକୋଣ ଓ ବୃତ୍ତାକାର ଚିହ୍ନ କରାଯାଇ ଦେବ-ଦେବୀ ଆକୃତି ଅଙ୍କନ କରାଯାଉଥିଲା ଏବଂ ପରବର୍ତ୍ତୀ ସମୟରେ ଏହିଥିରୁ ବ୍ରାହ୍ମୀଲିପି ଉଦ୍ଭବ ହେଲା ଯାହର ବିକଶିତ ରୂପକୁ ବା ଲିପିକୁ ଦେବନାଗରୀ କୁହାଗଲା ବୋଲି ମତ ପ୍ରଦାନ କରିଛନ୍ତି। ଜନ୍ ଡନ୍‌ସନ୍‌ଙ୍କ ମତାନୁସାରେ ଭାରତୀୟ ଲିପିର ଉଦ୍ଭବ ଓ ବିକାଶ ଗଙ୍ଗାନଦୀର କୌଣସି ଅବବାହିକାରୁ ପ୍ରଥମେ ଉତ୍ପନ୍ନ ହୋଇ ସମଗ୍ର ବିଶ୍ୱକୁ ସଂପ୍ରସାରିତ ହୋଇଥିଲା। ତେବେ ଏସବୁ ମତାମତ ବିଜ୍ଞାନ ସମ୍ମତ ହୋଇ ନ ଥିଲେ ମଧ୍ୟ ଏହା ଯେ ଭାରତର ବିକଶିତ ଲିପି ମଧ୍ୟରୁ ସର୍ବପ୍ରାଚୀନ ଓ ଭାରତ ଉପମହାଦେଶୀୟ ଲିପିର ମୂଳସ୍ରଷ୍ଟା ଏଥିରେ ଦ୍ୱିମତ ନାହିଁ।

**(୧) ବ୍ରାହ୍ମୀଲିପିର ବିଶେଷତ୍ୱ**

ଲିଖନ କଳାର ବିକାଶ ବୌଦ୍ଧଯୁଗରେ ଘଟିଥିଲେ ମଧ୍ୟ ଏହାର ଅପରିବର୍ତ୍ତନୀୟ ରୂପ ମୌର୍ଯ୍ୟ ଯୁଗରେ ଦେଖିବାକୁ ମିଳେ। ଭାରତ ଉପମହାଦ୍ୱୀପର ବିଭିନ୍ନ ସ୍ଥାନରୁ ପ୍ରାପ୍ତ ଅଶୋକଙ୍କ ଶିଳାଲେଖରେ ଏହି ଲିପିର ସ୍ୱରୂପ ଦେଖିବାକୁ ମିଳେ। ଏହି ଲିପିର ବିଶେଷତ୍ୱ ଗୁଡ଼ିକ ହେଲା -

କ) ଏହା ଉଚ୍ଚାରଣ ଆଧାରିତ।

ଖ) ଏଥିରେ ଚଉଷଠି (୬୪)ଟି ଚିହ୍ନ ରହିଛି।

ଗ) ଏଥିରେ ହ୍ରସ୍ୱ ଓ ଦୀର୍ଘ ମାତ୍ରା ବ୍ୟବହାର ଦେଖିବାକୁ ମିଳେ।

ଘ) ଏହି ଲିପିରେ ଅନୁସ୍ୱାର ('୦'), ବିସର୍ଗ ('ଃ') ଓ ଚନ୍ଦ୍ରବିନ୍ଦୁ 'ଁ' ରହିଛି।

ଙ) ଚିହ୍ନ ଦ୍ୱାରା ବ୍ୟଞ୍ଜନ ସହିତ ସ୍ୱର ଧ୍ୱନିର ସମ୍ବନ୍ଧ ସ୍ଥାପିତ ହୋଇଛି।

ଚ) ଅଶୋକକାଳୀନ ବ୍ରାହ୍ମୀଲିପି ସିଧାସଳଖ ରେଖାଦ୍ୱାରା ଲେଖାଯାଉଥିଲା। ସ୍ଥଳ ବିଶେଷରେ ଏହାର ଆକୃତି ମଧ୍ୟ ଗୋଲାକୃତ ହେଉଥିଲା। ଯଥା - କ, ତ, ଗ ଇତ୍ୟାଡି।

ଛ) ଯୁକ୍ତାକ୍ଷର ନ ଥିବାରୁ ଅକ୍ଷରଗୁଡ଼ିକର ଉଚ୍ଚତା ସମାନ ରହୁଥିଲା।

ଜ) ଅନେକ ଅକ୍ଷରର ଜଳ ଓ ଉପରି ଭାଗ ଖୋଲା ରଖାଯାଇ ଅକ୍ଷରର ସ୍ୱାତନ୍ତ୍ର୍ୟ ପ୍ରଦର୍ଶିତ ହେଉଥିଲା। ଯଥା - ଗ,ମ,ଝ,ଟ ଇତ୍ୟାଦି।

ଝ) ଲିପି ଉପରି ଭାଗରେ କୌଣସି ରେଖା ଦିଆଯାଉ ନଥିଲା। ଯଥା - ଅ,ଚ,ଛ,ର ଇତ୍ୟାଦି।

ଞ) ଜ୍ୟାମିତିକ ଆକୃତି ଅନୁସାରେ ଅର୍ଦ୍ଧବୃତ୍ତ, ବୃତ୍ତ, କୋଣ, ସରଳରେଖା, ବିନ୍ଦୁ (ଟ, ଠ, ଇ) ଆଦି ଦ୍ୱାରା ଏହି ସବୁ ଅକ୍ଷର ଲେଖା ଯାଉଥିଲା।

ବ୍ରାହ୍ମୀଲିପି ପ୍ରଥମ ପର୍ଯ୍ୟାୟରେ ତିନି ଭାଗରେ ବିଭକ୍ତ। ଯଥା - ଉତ୍ତରବ୍ରାହ୍ମୀ, କଳିଙ୍ଗୀ ଓ ଦକ୍ଷିଣବ୍ରାହ୍ମୀ । ଉତ୍ତରବ୍ରାହ୍ମୀ ଲିପି ପରବର୍ତ୍ତୀ କାଳରେ ନାଗରୀ, ସାରଦା ଓ ସିଦ୍ଧମ ଲିପିରେ ପରିଣତ ହୋଇଥିବାବେଳେ କଳିଙ୍ଗ ଲିପିରୁ କଦମ୍ବ ବା କନ୍ନଡ଼ ଏବଂ ଉଡ୍ର ବା ଓଡ଼ିଆ ଲିପି ସୃଷ୍ଟି ହୋଇଛି। ଦକ୍ଷିଣ ବ୍ରାହ୍ମୀ ଲିପିରୁ ବଟ୍ଟେଲୁଟୁ ବା ପ୍ରାଚୀନ ତାମିଲ ଓ ଭଟ୍ଟିପ୍ରୋଲୁ ବା ତେଲେଗୁ ଏବଂ ଗ୍ରନ୍ଥ ବା ମାଲାୟାଲମ ଲିପି ସୃଷ୍ଟି ହୋଇଛି।

ଜଣେ ରାଜା ବା ସମ୍ରାଟଙ୍କ ଦ୍ୱାରା ପଟ୍ଟା ବା ଖୋଦିତ ଶିଳାଲେଖ ଭିନ୍ନ ଭିନ୍ନ ସ୍ଥାନରେ ହୋଇଥିଲେ ମଧ୍ୟ ଏଥିରେ ଲିପିର ସାମଞ୍ଜସ୍ୟ ଥିବା ଲକ୍ଷ୍ୟ କରାଯାଏ। କିନ୍ତୁ ଶିଳାଲେଖ ଗୁଡ଼ିକର ଆଞ୍ଚଳିକତା ଭିନ୍ନରେ ଏହାର ଭାଷାରେ ପ୍ରଭେଦ ଦୃଷ୍ଟିଗୋଚର ହୁଏ। ଏ ସଂପର୍କରେ ପ୍ରାମାଣିକ ସତ୍ୟଟି ହେଉଛି ଏପର୍ଯ୍ୟନ୍ତ ଆବିଷ୍କୃତ ମୌର୍ଯ୍ୟ ସମ୍ରାଟ ଅଶୋକଙ୍କ ୧୪୯ଟି ଅନୁଶାସନ ବିଭିନ୍ନ ସ୍ଥାନରେ ଖୋଦିତ ହୋଇଥିବାରୁ ପ୍ରତ୍ୟେକ ଶିଳାଲେଖର ଭାଷାରେ ଆଞ୍ଚଳିକତା ପ୍ରଭେଦ (ଅଞ୍ଚଳଗତ ଭିନ୍ନତା) ଲକ୍ଷ୍ୟ କରାଯାଇଛି। ସେହିପରି ଭାଷାତାତ୍ତ୍ୱିକ ଦୃଷ୍ଟିକୋଣରୁ ଅନୁଶୀଳନ କଲେ ଜଣାଯାଏ ଯେ, ଧଉଳି ଓ ଜଉଗଡ଼ ଶିଳାଲେଖର ଭାଷା ସହିତ ବର୍ତ୍ତମାନର ଓଡ଼ିଆ ଭାଷାର ସଂପର୍କ ରହିଛି।

ପରବର୍ତ୍ତୀ ଅଧ୍ୟାୟରେ ଓଡ଼ିଆ ଲିପିର ସୃଷ୍ଟି ଓ ବିକାଶ ସଂପର୍କରେ ଆଲୋଚନା କରାଯାଇଛି।

## ୩.୬ ସାରାଂଶ

- ଶିଳାଲେଖରେ ଖୋଦିତ ଲିପିର ଭାଷା ପରିବର୍ତ୍ତନ ହେବା ଅସମ୍ଭବ।
- ପ୍ରତ୍ନତତ୍ତ୍ୱବିଦ୍‌ମାନଙ୍କ ମତରେ ଭାରତୀୟ ଲିପିର ମୂଳସୂତ୍ର ଭାବରେ ବ୍ରାହ୍ମୀଲିପିକୁ ଗ୍ରହଣ କରାଯାଇଛି।
- ଉଚ୍ଚାରିତ ଧ୍ୱନିକୁ ଯିଏ ରୂପାୟିତ କରେ, ତାହାକୁ ଲିପି କୁହାଯାଏ।
- ଲିପି ବିଶେଷଜ୍ଞଙ୍କ ମତରେ ଭାରତ ବର୍ଷରେ ଖରୋଷ୍ଟ୍ରୀ ଓ ବ୍ରାହ୍ମୀଲିପି-ଏହି ଦୁଇ ଲିପି ପ୍ରଚଳିତ ଥିଲା।
- ଅନ୍ୟାନ୍ୟ ଭାରତୀୟ ଲିପିମାନଙ୍କ ପରି ଓଡ଼ିଆ ଲିପି ବ୍ରାହ୍ମୀଲିପିର କ୍ରମ ବିବର୍ତ୍ତନ ଫଳରେ ଜନ୍ମ ହୋଇଛି।
- ଅଞ୍ଚଳ ଭେଦରେ ପ୍ରାଚୀନ ବ୍ରାହ୍ମୀଲିପିରେ କେତେକ ପରିବର୍ତ୍ତନ ଲକ୍ଷ୍ୟ କରାଗଲା।
- ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖରେ କୁଶାଣକାଳୀନ ବ୍ରାହ୍ମୀଲିପିର ବ୍ୟବହାର ହୋଇଛି।
- ଖାରବେଳଙ୍କ ସମୟର ରାଜଭାଷା ପ୍ରଥମ ଶତାବ୍ଦୀ ବେଳକୁ ବିକଶିତ ହେବା ଆରମ୍ଭ ହେଲା। ଏହାର ଲିପିକୁ 'ଉଡ୍ର ଲିପି' କୁହାଗଲା।
- ପ୍ରଥମ ଶତାବ୍ଦୀରେ ରଚିତ ବୌଦ୍ଧଗ୍ରନ୍ଥ 'ଲଳିତ ବିସ୍ତାର'ରେ ଉଲ୍ଲିଖିତ ୬୪ ପ୍ରକାରର ଲିପି ତାଲିକାରେ 'ଉଗ୍ର' ବା ଉଡ୍ର' ଲିପିର ନାମୋଲ୍ଲେଖ ରହିଛି।
- ଭାରତର ବିକଶିତ ଲିପିମାନଙ୍କ ମଧ୍ୟରୁ ବ୍ରାହ୍ମୀଲିପି ପ୍ରାଚୀନ ତଥା ଅନ୍ୟ କେତେକ ଲିପିର ସ୍ରଷ୍ଟା ମଧ
- ଆମେ ଗୋଟିଏ କଥା ସ୍ପଷ୍ଟ ହୋଇଛନ୍ତି ଯେ, ପ୍ରାଚୀନ ଭାରତବର୍ଷ ତଥା ଓଡ଼ିଶାରେ ଲେଖିବାର ପ୍ରଧାନ ଉପକରଣ ଥିଲା 'ନିହାଣ', ଯାହା ଦ୍ୱାରା ପଥରକୁ ଖୋଳି ଲେଖା ଯାଉଥିଲା।

- କାଳକ୍ରମେ ପରବର୍ତ୍ତୀ ବ୍ରାହ୍ମୀଲିପିର ଆକୃତିଗତ ପରିବର୍ତ୍ତନ ଘଟି ଗୁପ୍ତଲିପିର ସୂତ୍ରପାତ ହେଲା।
- ଓଡ଼ିଆ ବର୍ଣ୍ଣମାଳାର ଖ,ଗ,ଣ,ଥ,ଦ ଏବଂ ଶ ଲିପି ଛଅଗୋଟିର ଆଧୁନିକ ଆକୃତି ଗୁପ୍ତଲିପିର ସେହି ସେହି ବର୍ଣ୍ଣମାନଙ୍କ ସହିତ ସାମଞ୍ଜସ୍ୟ ରକ୍ଷା କରୁଛି।
- ଏକ ସମୟରେ କଳିଙ୍ଗରେ ପ୍ରଚଳିତ ପେଟିକାଶୀର ଲିପିର ଶୀର୍ଷକୁ ପେଡ଼ିପରି ଚାରିକୋଣିଆ କରାଯାଉଥିଲା।
- କାଳକ୍ରମେ ଉତ୍ତର-ଭାରତୀୟ ଓ ଦକ୍ଷିଣ-ଭାରତୀୟ ଲିପି ଭେଦରେ ଭାରତୀୟ ଲିପି ଦୁଇ ଭାଗରେ ବିଭକ୍ତ ହୋଇଗଲା।
- ବ୍ରାହ୍ମୀର ପୂର୍ବବର୍ତ୍ତୀ ଲିପି ଚିତ୍ରଲିପି ଥିଲା
- ବ୍ରାହ୍ମୀଲିପି ପ୍ରଥମ ପର୍ଯ୍ୟାୟରେ ତିନିଭାଗରେ ବିଭକ୍ତ।
- ଲିପି ଓ ଭାଷା ଦୃଷ୍ଟିରୁ ସମ୍ରାଟ ଅଶୋକଙ୍କ ୧୪୯ଟି ଅନୁଶାସନ ଆବିଷ୍କୃତ ହୋଇଛି।

## ୩.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**୧. ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ**

(କ) ବ୍ରାହ୍ମୀଲିପିର ଉଦ୍ଭବ ସଂପର୍କରେ ସଂକ୍ଷିପ୍ତ ପରିଚୟ ଦିଅ।

(ଖ) ବ୍ରାହ୍ମୀ ଲିପିର ବିକାଶରେ ଶିଳାଲେଖର ଭୂମିକାକୁ ସଂକ୍ଷେପରେ ବୁଝାଅ।

(ଗ) ଓଡ଼ିଶାର କେଉଁ କେଉଁ ସ୍ଥାନରୁ ବ୍ରାହ୍ମୀ ଲିପି ଆବିଷ୍କୃତ ହୋଇଛି ?

(ଘ) ବ୍ରାହ୍ମୀର ପୂର୍ବବର୍ତ୍ତୀ ଲିପି ସଂପର୍କରେ ସଂକ୍ଷିପ୍ତ ସୂଚନା ଦିଅ।

(ଙ) ଅଶୋକଙ୍କ ଅନୁଶାସନ ସମ୍ବଳିତ ବିଭିନ୍ନ ଲିପି ସଂପର୍କରେ ଲେଖ।

(ଚ) ଖାରବେଳ ଓ ଗୁପ୍ତରାଜତ୍ୱ କାଳର ସମୟ ନିରୂପଣ କରି ସେସମୟରେ ପ୍ରଚଳିତ ଲିପି ସମ୍ପର୍କରେ ସଂକ୍ଷେପରେ ଲେଖ।

(ଛ) 'ଗୁପ୍ତଲିପି' କାହାକୁ କହନ୍ତି ? ସମକାଳୀନ ଶାସକମାନଙ୍କ ବିଭିନ୍ନ ତାମ୍ରଶାସନର ଉଦାହରଣ ଦିଅ।

**୨. ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ**

(କ) ବ୍ରାହ୍ମୀ ଲିପିର ଉଦ୍ଭବ ଓ ବିକାଶ ସଂପର୍କରେ ବିସ୍ତାର କରି ବୁଝାଅ।

(ଖ) ଅଶୋକଙ୍କ ଅନୁଶାସନରୁ ଗୁପ୍ତଲିପି ପର୍ଯ୍ୟନ୍ତ ଲିପିର ବିକାଶକ୍ରମକୁ ଉଦାହରଣ ସହ ବୁଝାଅ।

(ଗ) ବିଭିନ୍ନ ଅବୈଜ୍ଞାନିକ ଅଥଚ ପ୍ରଚଳିତ କାହାଣୀକୁ ଅବତାରଣା କରି ବ୍ରାହ୍ମୀଲିପିର ଐତିହାସିକ ସତ୍ୟତା ପ୍ରତିପାଦିତ କର।

(ଘ) ବ୍ରାହ୍ମୀଲିପିର ବିଶେଷତ୍ୱ ସ୍ୱତନ୍ତ୍ର ଭାବରେ ଆଲୋଚନା କର।

## ୩.୮ ସହାୟକ ଗ୍ରନ୍ଥସୂଚୀ


- ଓଡ଼ିଆ ସାହିତ୍ୟର ଇତିହାସ : ଅଧ୍ୟାପକ ବୃନ୍ଦାବନଚନ୍ଦ୍ର ଆଚାର୍ଯ୍ୟ
- ଓଡ଼ିଆ ସାହିତ୍ୟର ଇତିହାସ : ଡ. ସୁରେନ୍ଦ୍ର କୁମାର ମହାରଣା
- ବ୍ୟାବହାରିକ ଓଡ଼ିଆ ବ୍ୟାକରଣ : ଡ. କୃଷ୍ଣଚନ୍ଦ୍ର ପ୍ରଧାନ
- ଓଡ଼ିଆ ଲିପି ଓ ଭାଷା : ଡ. ଖଗେଶ୍ୱର ମହାପାତ୍ର
- ଓଡ଼ିଆ ଭାଷାର ସୃଷ୍ଟି ଓ ବିକାଶ : ଡ. ଉପେନ୍ଦ୍ର ପ୍ରସାଦ ଦଳାଇ
- ଓଡ଼ିଆ ସାହିତ୍ୟ ପରିଚୟ : ଡ. ସୁବ୍ରତ କୁମାର ପୃଷ୍ଟି
- ଓଡ଼ିଆ ଭାଷାତତ୍ତ୍ୱ ଓ ଲିପିର ବିକାଶ : ଡ. କୁଞ୍ଜବିହାରୀ ତ୍ରିପାଠୀ
- ଓଡ଼ିଆ ଲିପିର କ୍ରମ ବିକାଶ : ଡ. ସତ୍ୟନାରାୟଣ ରାଜଗୁରୁ ।

# ଚତୁର୍ଥ ଏକକ

# ଓଡ଼ିଆ ଲିପି : ଏହାର ପ୍ରାଥମିକ ଅବସ୍ଥା, ବିକଶିତ ରୂପ, ପୂର୍ଣ୍ଣାଙ୍ଗ ରୂପରେଖ,ବର୍ଣ୍ଣମାଳା ଓ ଲିପିର ବର୍ତ୍ତମାନ ସ୍ୱରୂପ

**ବିଷୟ ଗଠନ:**


୪.୧ ପଠନର ଉଦ୍ଦେଶ୍ୟ

୪.୨ ଶିକ୍ଷଣୀୟ ବିଷୟ

୪.୩ ବିଷୟ ପ୍ରବେଶ

୪.୪ ଓଡ଼ିଆ ଲିପିର ଉଦ୍ଭବ ଓ ବିକାଶ

୪.୫ ଓଡ଼ିଆ ଲିପିର ସୃଷ୍ଟି, ଆକୃତି, ପ୍ରାପ୍ତିସ୍ଥାନ, ଐତିହାସିକ ବିବର୍ତ୍ତନ ଓ ମୌଳିକତା

୪.୬ ସାରାଂଶ

୪.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୪.୮ ସହାୟକ ଗ୍ରନ୍ଥସୂଚୀ


## ୪.୧ ପଠନର ଉଦ୍ଦେଶ୍ୟ

ଓଡ଼ିଆ ଲିପିର ଉଦ୍ଭବ ଓ ବିକାଶ ସମ୍ପର୍କରେ, ଏହି ଅଧ୍ୟାୟରେ ସବିଶେଷ ଆଲୋଚନା କରାଯାଇଛି। ଏଥିରେ ଓଡ଼ିଆ ଲିପିର ପ୍ରାଥମିକ ଅବସ୍ଥା ଓ ଶିଳାଲେଖ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇ, ଓଡ଼ିଆ ଲିପିର ଆକୃତି ପ୍ରକୃତିଗତ ସ୍ୱତନ୍ତ୍ରତାକୁ ପ୍ରତିପାଦନ କରିବାର ଚେଷ୍ଟା କରାଯାଇଛି। ଉତ୍କଳର ରାଜଶାସନ ସହିତ ଲିପିର ପରିବର୍ତ୍ତନ ଘଟିଛି। ତେବେ ପ୍ରାକୃତିକ ସମ୍ପଦର ଉପଯୋଗ ସହିତ ଓଡ଼ିଆ ଲିପିର ସମ୍ପର୍କ ରହିଛି। ପ୍ରାଚୀନ ଓଡ଼ିଆ ଲିପି ସହିତ ଏଥିରେ ଥିବା ଭାଷା ଓ ସାହିତ୍ୟିକ ମୂଲ୍ୟର ଏକ ଆକଳନ କରିବାର ସୁଯୋଗ ରହିଛି। ଉଭୟ ଓଡ଼ିଆ ଲିପି ଓ ଭାଷା ସାମଗ୍ରିକ ଭାବରେ ଉତ୍କଳର ନିଜସ୍ୱ ଓ ସ୍ୱତନ୍ତ୍ର। ସମୟକ୍ରମେ ସାମାଜିକ ଜୀବନର ପ୍ରତିଛବି ବହନ କରୁଥିବା ଏହି ଲିପି ଓ ଭାଷା ସମ୍ପର୍କରେ ବିଦ୍ୟାର୍ଥୀମାନେ ଏହି ଅଧ୍ୟାୟରେ ଅଧିକ ସ୍ପଷ୍ଟ ହେବେ।

## ୪.୨ ଶିକ୍ଷଣୀୟ ବିଷୟ

ଏହି ଅଧ୍ୟାୟ ପଠନ ମାଧ୍ୟମରେ ବିଦ୍ୟାର୍ଥୀମାନେ ନିମ୍ନଲିଖିତ ବିଷୟରେ ଅବଗତ ହେବେ:-

- ଉତ୍କଳର ରାଜଶାସନ ସହିତ ଲିପିର ସମ୍ପର୍କ ଅଙ୍ଗାଙ୍ଗୀଭାବେ ଜଡ଼ିତ। ପ୍ରାଚୀନ ଓଡ଼ିଆ ଲିପି ସହିତ ଏଥିରେ ଥିବା ଭାଷା ଓ ସାହିତ୍ୟର ମୂଲ୍ୟାଙ୍କନ କରିବାର ସୁଯୋଗ ବିଦ୍ୟାର୍ଥୀମାନେ ପାଇବେ।

- ଓଡ଼ିଆ ଲିପିର ଉଦ୍ଭବ ଓ ବିକାଶକ୍ରମ ବୁଝିବେ।
- ଓଡ଼ିଶାରେ ଲିଖନ କଳାର ଆରମ୍ଭ ବିଷୟରେ ଜାଣିବାକୁ ଯାଇ ଆଦିମାନବର ଚିତ୍ର, ଗୁମ୍ଫାରୁ ଆବିଷ୍କୃତ ଚିତ୍ରଲିପି ଇତ୍ୟାଦି ସମ୍ପର୍କରେ ଅବଗତ ହେବେ।
- ଓଡ଼ିଶାର ପ୍ରାଚୀନ ରାଜଶାସନ ବ୍ୟବସ୍ଥା, କଳା, ଶିକ୍ଷା ଓ ଭାଷା ସମ୍ପର୍କରେ ଅବଗତ ହେବେ।
- ବିଦ୍ୟାର୍ଥୀ ବୌଦ୍ଧଧର୍ମର ପ୍ରଭାବ ସହିତ ଲିପି, ଭାଷା ଓ ସାହିତ୍ୟରେ ଏହାର ସ୍ୱତନ୍ତ୍ର ମର୍ଯ୍ୟାଦା, ପ୍ରାଚୀନ ଓଡ଼ିଆ ଲିପିକୁ ଏହାର ଦାନ ସମ୍ପର୍କରେ ବୁଝିବେ।
- ଦୀର୍ଘ ବର୍ଷର ବିବର୍ତ୍ତନ ସତ୍ତ୍ୱେ କେତେକ ଲିପିରେ ପରିବର୍ତ୍ତନ ନ ହେବା, ପ୍ରାଚୀନ ଓ ଆଧୁନିକ ଓଡ଼ିଆ ଲିପିର ସ୍ୱତନ୍ତ୍ରତା ସମ୍ପର୍କରେ ଅବଗତ ହେବେ।
- ତାଳପତ୍ରରେ ଲେଖିବା ଦ୍ୱାରା ଲିପିରେ ହୋଇଥିବା ପରିବର୍ତ୍ତନ ସମ୍ପର୍କରେ ଜାଣିପାରିବେ।
- ଓଡ଼ିଆ ଲିପିର ସୃଷ୍ଟି, ଆକୃତି, ପ୍ରାପ୍ତିସ୍ଥାନ, ଐତିହାସିକ ବିବର୍ତ୍ତନ ଓ ମୌଳିକତା ସମ୍ପର୍କରେ ସବିଶେଷ ତଥ୍ୟ ଏହି ଅଧ୍ୟାୟରେ ପାଇପାରିବେ।

## ୪.୩ ବିଷୟ ପ୍ରବେଶ

ଓଡ଼ିଆ ଲିପିର ଆଲୋଚନା ଦୃଷ୍ଟିରୁ ଶିଳାଲେଖର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆମେ ସମସ୍ତେ ବୁଝିସାରିଛନ୍ତି ଯେ, ପ୍ରଥମେ ଭାଷା ଓ ପରେ ଲିପିର ସୃଷ୍ଟି ହୋଇଛି। ଓଡ଼ିଶାର ବିଭିନ୍ନ ସ୍ଥାନରେ ଓଡ଼ିଆ ଲିପିର ପ୍ରାଥମିକ ରୂପ ଦେଖିବାକୁ ମିଳେ। ଧୀରେଧୀରେ ଏହି ଲିପି ଗୁଡ଼ିକ ନିଜର ଏକ ସ୍ଥାୟୀରୂପ ଗ୍ରହଣ କରିଛନ୍ତି। ପରେ ଅଧିକ ବ୍ୟବହାର ହୋଇ ଭାଷାକ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ନିରୂପଣ କରିପାରିଛନ୍ତି। ଓଡ଼ିଆ ଲିପିର ସୃଷ୍ଟି କ୍ଷେତ୍ରରେ ବ୍ରାହ୍ମୀ ଲିପିର ଭୂମିକା ରହିଛି। ଶହଶହ ବର୍ଷ ଧରି ପ୍ରଚଳିତ ଓଡ଼ିଆ ଲିପିର ଭାଷାତାତ୍ତ୍ୱିକ ମୂଲ୍ୟ ସ୍ୱତନ୍ତ୍ର। ଏଣୁ ଓଡ଼ିଆ ଲିପିର ଲିପି ତାତ୍ତ୍ୱିକ ଓ ଭାଷାତାତ୍ତ୍ୱିକ ଅଧ୍ୟୟନ କରାଯିବା ଅଧିକ ପ୍ରାସଙ୍ଗିକ ଅଟେ। ସମୟକ୍ରମେ ବିଭିନ୍ନ ଅଞ୍ଚଳର ଲେଖକ ଯେଉଁମାନେ ପଥର, ତାମ୍ରଫଳକ ଆଦିରେ ଲେଖୁଥିଲେ ସେମାନଙ୍କ ଦ୍ୱାରା ଖୋଦେଇ ହୋଇଥିବା ଲିପିଗୁଡ଼ିକ ମଧ୍ୟରେ ନିର୍ଦ୍ଦିଷ୍ଟ କେତେକ ଅକ୍ଷର ବହୁବର୍ଷ ମଧ୍ୟରେ ପରିବର୍ତ୍ତିତ ନ ହୋଇ ଅଧିକ ମାର୍ଜିତ ରୂପ ଗ୍ରହଣ କରିଛି।

ଯାହା ଓଡ଼ିଆ ଲିପିର ସ୍ୱତନ୍ତ୍ରତାକୁ ବୁଝାଇବା ସହ ଏହା ଯେ ଅନ୍ୟ ଭାଷାର ଲିପିଠାରୁ ସଂପୂର୍ଣ୍ଣ ଭିନ୍ନ ତାହା ପ୍ରମାଣ କରୁଛି। ତେବେ ଓଡ଼ିଆ ଲିପିର କ୍ରମିକ ବିକଶିତ ରୂପ ସଂପର୍କରେ ଅଧିକ ବିଚାର ଆଲୋଚନା କରିବା ସମୀଚୀନ ହେବ। ବିଦ୍ୟାର୍ଥୀମାନେ ଏହି ଏକକରେ ସମୟ ସୀମା ଓ ମୂଳଲିପି ସହିତ ପରବର୍ତ୍ତୀ ସମୟର ଲିପି ସାଙ୍ଗରେ ଏହାର ସାମଞ୍ଜସ୍ୟ ଆଦିକୁ ପ୍ରମାଣିତ ଭାବେ ଅବଗତ ହେବେ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଓଡ଼ିଆ ଲିପି ଓ ଭାଷାର ଇତିହାସକୁ ବିଶ୍ଳେଷଣ କଲାବେଳେ ଶିଳାଲେଖ ହିଁ ପ୍ରମାଣ କରେ ଯେ, ଏହି ଭୂଖଣ୍ଡରେ (ବର୍ତ୍ତମାନର ଓଡ଼ିଶା ବା ପ୍ରାଚୀନ ଉତ୍କଳ, ଉଡ୍ରଦେଶ) ବାସ କରୁଥିବା ଆଦିମ ଅଧିବାସୀଙ୍କ ମନନଶୀଳତାରୁ ସୃଷ୍ଟି ହୋଇଥିବା ଲିଖନ କଳାର ପରିବର୍ତ୍ତିତ ରୂପ ହେଉଛି ଓଡ଼ିଆ ଭାଷା। ଓଡ଼ିଆ ଲିପି ଓ ଭାଷାର ଉତ୍ପତ୍ତି, ମୌଳିକତା ଓ କ୍ରମବିକଶିତ ପ୍ରାମାଣିକ ରୂପ ଆମ

ନିକଟରେ ପର୍ଯ୍ୟାପ୍ତ ପରିମାଣରେ ଥିଲେ ମଧ୍ୟ ଏହାର କ୍ରମବିକଶିତ ଅବସ୍ଥା ନିରୂପଣ ପାଇଁ ଅଭିଲେଖ ଏକ ବଳିଷ୍ଠ ପ୍ରମାଣ ଭାବରେ ଆମ ପାଖରେ ରହିଛି।

ପୁନଶ୍ଚ ଓଡ଼ିଆ ଲିପି ଆଲୋଚନା ଦୃଷ୍ଟିରୁ ଶିଳାଲେଖ ଭଳି ତାଳପତ୍ର ପୋଥିର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ଓଡ଼ିଆ ଲିପିର ଏହି ମର୍ଯ୍ୟାଦାବନ୍ତ ସୌନ୍ଦର୍ଯ୍ୟପୂର୍ଣ୍ଣ ରୂପରେଖ ବା ଆକୃତି ପାଇଁ ତାଳପତ୍ର ଉପରେ ଲେଖିବା ଏକ ବିଶେଷ ଘଟଣା ଅଟେ। ଲିପିର ଆକୃତିଗତ ଓ ଭାଷାଗତ ସଂପର୍କ ସହିତ ଏହାର ସ୍ୱତନ୍ତ୍ରତା ସଂପର୍କରେ ମଧ୍ୟ ଏହି ଅଧ୍ୟାୟରେ ଜାଣିବା। ଦୀର୍ଘ ୨୦୦୦ ବର୍ଷ ମଧ୍ୟରେ ଅର୍ଥାତ୍ ଖ୍ରୀଷ୍ଟପୂର୍ବ ୬ଷ୍ଠ ଶତାବ୍ଦୀରୁ ଖ୍ରୀଷ୍ଟାବ୍ଦ ଚତୁର୍ଦ୍ଦଶ ଶତାବ୍ଦୀ ପର୍ଯ୍ୟନ୍ତ ସମୟ ମଧ୍ୟରେ ଓଡ଼ିଆ ଲିପି ଯେଉଁ ଛଅ(୬) ଗୋଟି ଐତିହାସିକ କାଳାନୁକ୍ରମରେ ଗତି କରିଛି ତାର ବିଶଦ୍ ଆଲୋଚନା ଏଠାରେ କରାଯାଇଛି। ଓଡ଼ିଶା ସହିତ ଲିପିଗତ ସଂପର୍କ ଦୃଷ୍ଟିରୁ ପଡ଼ୋଶୀ ରାଜ୍ୟ ଓ ଅନ୍ୟ ସ୍ଥାନର ସମ୍ପର୍କର ଏକ ତୁଳନାତ୍ମକ ବିଚାର ଆମେ ପାଇପାରିବା। ଅର୍ଥାତ୍ ଓଡ଼ିଆ ଲିପିର କ୍ରମ ବିକାଶ ଓ କ୍ରମ ବିବର୍ତ୍ତନ ଧାରାକୁ ଆମେ ଏହି ଅଧ୍ୟାୟରେ ସଠିକ୍ ମାର୍ଗରେ ନିର୍ଣ୍ଣୟ କରି ଏହାର ମୌଳିକତା ସଂପର୍କରେ ଅବଗତ ହେବା

## ୪.୪ ଓଡ଼ିଆ ଲିପିର ଉଦ୍ଭବ ଓ ବିକାଶ

ଭାରତୀୟ ଲିପିମାନଙ୍କ ମଧ୍ୟରେ ଓଡ଼ିଆ ଲିପି ତାର ଆକୃତିଗତ ସୌନ୍ଦର୍ଯ୍ୟ ପାଇଁ ସହଜରେ ବାରି ହୋଇପଡ଼େ। ଏହି ଲିପିର ପ୍ରାଥମିକ ଅବସ୍ଥାର ଚିତ୍ର ଓଡ଼ିଶାର ବିଭିନ୍ନ ଗୁମ୍ଫା, ଖୋଲ, ଧାର୍ମିକ ସ୍ଥାନ ମାନଙ୍କରେ ଥିବା ଶିଳାଲେଖରେ ଦେଖିବାକୁ ମିଳେ। ପ୍ରତ୍ୟେକ ଭାଷାର ନିଜସ୍ୱ ଲିପି ରହିଛି। ସେହିପରି ଓଡ଼ିଆ ଭାଷାର ମଧ୍ୟ ନିଜସ୍ୱ ଲିପି ରହିଛି। ଉଭୟ ଲିପି ଓ ଭାଷାର ଲିଖନ ଓ ଉଚ୍ଚାରଣରେ ସମୟକ୍ରମେ କିଛି ପରିବର୍ତ୍ତନ ବା ବିବର୍ତ୍ତନ ଘଟିବା ଏକ ସ୍ୱାଭାବିକ ପ୍ରକ୍ରିୟା। ତେବେ ମନର ଭାବକୁ ସ୍ଥାୟୀ ରୂପ ପ୍ରଦାନ କରୁଥିବା ଲିପିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ଲିପି ଯେ ଏକ ନିର୍ଦ୍ଦିଷ୍ଟ ଭାଷାର ଏକଥା ପ୍ରମାଣ ପାଇଁ ଆମକୁ ବିଭିନ୍ନ ଐତିହାସିକ ସତ୍ୟ ନିକଟରେ ପହଞ୍ଚିବାକୁ ହୁଏ। ଆଲୋଚକ ଡ. ସୁବ୍ରତ କୁମାର ପୃଷ୍ଟି କହିଛନ୍ତି – 'କୌଣସି ଭାଷାର ପ୍ରକୃତ ସ୍ୱରୂପ ସେହି ଭାଷାରେ ଲିଖିତ ଶିଳାଲେଖ ସମୂହର ଭାଷାରେ ହିଁ ପ୍ରତିଫଳିତ ହୋଇଥାଏ। କାରଣ ଶିଳାଲେଖରେ ଖୋଦିତ ଲିପିର ଭାଷା ପରିବର୍ତ୍ତନ ହେବା ଅସମ୍ଭବ। ଏହି କାରଣଯୋଗୁ ଭାଷାତାତ୍ତ୍ୱିକ ଆଲୋଚନା ଦୃଷ୍ଟିକୋଣରୁ ଶିଳାଲେଖର ଭାଷା ଅଧିକ ଗୁରୁତ୍ୱପୂର୍ଣ୍ଣ। ଆଧୁନିକ ମଣିଷ ଭାବରେ ପରିଚିତ ପ୍ରାୟ ୪୦,୦୦୦ ବର୍ଷ ତଳର ନିଅଣ୍ଡର ଥାଲ ମାନବ ହେଉଛନ୍ତି ବିଶ୍ୱର ପ୍ରଥମ ଲେଖକ। ଚିତ୍ର ମାଧ୍ୟମରେ ନିଜ ମନର ଭାଷାକୁ ମଣିଷ ସର୍ବପ୍ରଥମେ ନିଜ ସାଥୀମାନଙ୍କୁ ଜଣାଇବାକୁ ଉଦ୍ୟମ କରିଥିଲା। ତେଣୁ ବର୍ତ୍ତମାନର ଲିଖନ କଳା ଗୁମ୍ଫାଚିତ୍ରରୁ ସୃଷ୍ଟି ବୋଲି ବିଶ୍ୱ ଐତିହାସିକ ଗଣ ସ୍ୱୀକାର କରିଯାଇଛନ୍ତି।

ଓଡ଼ିଶାରେ ଲିଖନକଳାର ଆରମ୍ଭ ବିଷୟରେ ଆଲୋଚନା କଲାବେଳେ ଓଡ଼ିଶାର ବିଭିନ୍ନ ପାହାଡ଼ ଗୁମ୍ଫାର ପ୍ରାପ୍ତ ଆଦି ମାନବର ଚିତ୍ରଗୁଡ଼ିକୁ ଆଲୋଚନା ପରିସରଭୁକ୍ତ କରାଯାଇଥାଏ। ଓଡ଼ିଶାର ଲିଖିତ ପରମ୍ପରାର ଆଦ୍ୟ ନିଦର୍ଶନ ହେଉଛି ଓଡ଼ିଶାର ୫୫(ପଞ୍ଚାବନ)ଟି ଗୁମ୍ଫାରୁ ଆବିଷ୍କୃତ ୫୭୭୫ (ପାଞ୍ଚହଜାର ସାତଶହ ପଞ୍ଚସ୍ତରୀ)ଟି ଚିତ୍ର ଓ ଚିତ୍ରଲିପି। ଓଡ଼ିଶା ଭୂଖଣ୍ଡରୁ ମିଳିଥିବା ଅସଂଖ୍ୟ

ପ୍ରାଗ୍‌ଐତିହାସିକ ଚିତ୍ର ମଧ୍ୟରେ ଶତାଧିକ ଲିପି ରହିଛି, ଯାହା ସେସମୟର କଥିତ ଭାଷାର ଲିଖିତ ରୂପ ବୋଲି ଐତିହାସିକ ଗଣ ମତବ୍ୟକ୍ତ କରନ୍ତି। ଏସବୁ ଲିପିର ଲିଖନଗତ ଶୈଳୀକୁ ନେଇ ଏହାର କାଳ ନିରୂପଣ କରାଯାଇଛି। ମନେ ରଖିବାକୁ ହେବ ଗୁମ୍ଫା ଲେଖର ପରବର୍ତ୍ତୀ ରୂପ ହେଉଛି ଶିଳାଲେଖ। ଭାଷାତାତ୍ତ୍ୱିକ ଅନୁଶୀଳନ ମାଧ୍ୟମରେ ଧଉଳି ଓ ଜଉଗଡ଼ର ଶିଳାଲେଖର ଭାଷା ସହିତ ବର୍ତ୍ତମାନର ଓଡ଼ିଆ ଭାଷାର ସମ୍ପର୍କ ରହିଛି। ଓଡ଼ିଆ ଲିପି ଓ ଭାଷାର ପ୍ରକୃତ ସ୍ୱରୂପ ସର୍ବପ୍ରଥମେ ଦେଖିବାକୁ ମିଳେ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖରେ। ପଞ୍ଚଦଶ ଶତାବ୍ଦୀରେ ଓଡ଼ିଶାର ସୂର୍ଯ୍ୟବଂଶୀ ରାଜା କପିଳେନ୍ଦ୍ର ଦେବ ଓଡ଼ିଆ ଭାଷାକୁ ରାଜଭାଷା ଭାବରେ ଘୋଷଣା କରିବା ପରେ ଯେପରି ଓଡ଼ିଆ ଭାଷା ନିଜର ସ୍ଥୂଳରୂପ ପ୍ରଦର୍ଶନ କରିବାରେ ସମର୍ଥ ହେଲା, ଠିକ୍ ସେହିପରି ଖ୍ରୀ.ପୂ: ୧ମ ଶତାବ୍ଦୀ ବେଳକୁ କଳିଙ୍ଗ ସମ୍ରାଟ ଖାରବେଳ ପ୍ରଜାନୁରଂଜନ ପାଇଁ ଲୋକଭାଷାକୁ ପ୍ରାଧାନ୍ୟ ଦେଇ କଳା, ସାହିତ୍ୟ, ନୃତ୍ୟ-ଗୀତ ଆଦିର ପୃଷ୍ଠପୋଷକ ସାଜିଥିବାରୁ ସେହି ସମୟରେ ଓଡ଼ିଆ ଭାଷାର ଶକ୍ତିଶାଳୀ ମୂଳଦୁଆ ପଡ଼ିଥିଲା ବୋଲି ଅନୁମାନ କରାଯାଏ। ତେବେ ମନେ ରଖିବାକୁ ହେବ ଯେ, ଖାରବେଳ ସମୟର ରାଜଭାଷା ପ୍ରଥମ ଶତାବ୍ଦୀ ବେଳକୁ ବିକଶିତ ହେବା ଆରମ୍ଭ ହେଲା। ଏହାର ଲିପିକୁ ମଧ୍ୟ 'ଉଡ୍ର' ଲିପି କୁହାଗଲା। ପ୍ରଥମ ଶତାବ୍ଦୀରେ ରଚିତ ବୌଦ୍ଧଗ୍ରନ୍ଥ 'ଲଳିତ ବିସ୍ତାର'ରେ ଉଲ୍ଲିଖିତ ୬୪ ପ୍ରକାର ଲିପି ତାଲିକାରେ ଉଗ୍ର ବା ଉଡ୍ର ଲିପିର ନାମୋଲ୍ଲେଖ ରହିଛି। ପୁଣି ଜୈନଧର୍ମଗ୍ରନ୍ଥ 'ନନ୍ଦୀସୂତ୍ର'ରେ ମଧ୍ୟ ଉଡ୍ର ଲିପିର ନାମୋଲ୍ଲେଖ ଥିବା କଥା ପୂର୍ବ ଏକକରେ କୁହାଯାଇଛି।

ଆଜି ପର୍ଯ୍ୟନ୍ତ ଆବିଷ୍କୃତ ପ୍ରାଚୀନତମ ଓଡ଼ିଆ ଶିଳାଲେଖ ହେଉଛି ୨ୟ ବଜ୍ରହସ୍ତଦେବଙ୍କ ୧୦୫୧ ଖ୍ରୀ.ଅ:ରେ ଲିଖିତ ଉରଜାମ ଶିଳାଲେଖ। ଉକ୍ତ ଶିଳାଲେଖ ବର୍ତ୍ତମାନର ଆନ୍ଧ୍ର ପ୍ରଦେଶ ଅନ୍ତର୍ଗତ ଚକାକୋଳ ବା ଶ୍ରୀକା କୁଲମ୍ ଜିଲ୍ଲାର ଉରଜାମ୍ ଗ୍ରାମରୁ ମିଳିଛି। ଏଥିରେ ମୋଟ ୭୩୮ଟି ଲିପି ମଧ୍ୟରୁ ୧୯୯ଟି ଦକ୍ଷିଣ ନାଗରୀ, ୫୯ଟି ତେଲୁଗୁ, ୧୦୧ଟି ଗ୍ରନ୍ଥ, ୧୫୭ଟି ଓଡ଼ିଆ ଲିପି ଓ ଅବଶିଷ୍ଟାଂଶ ପୂର୍ବଗଂଗରାଜାମାନଙ୍କ ଦ୍ୱାରା ଲିଖିତ ସନନ୍ଦରେ ବ୍ୟବହାର ହୋଇଥିବା ଲିପି ଦେଖିବାକୁ ମିଳେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଓଡ଼ିଆ ଭାଷା ଓ ଲିପିର ମୌଳିକତାର ସ୍ୱାକ୍ଷର ବହନ କରିଥିବା 'କ' ଲିପିଟି ସ୍ପଷ୍ଟ ଭାବରେ ଖୋଦିତ ଅଛି। ତଥା 'ଳ' ଓ 'କ' ବର୍ଣ୍ଣନର ସ୍ୱତନ୍ତ୍ର ଲିଖିତ ରୂପ ରହିଛି। ଅର୍ଥାତ୍ ତତ୍‌କାଳୀନ କଳିଙ୍ଗରେ ଓଡ଼ିଆ, ତେଲୁଗୁ, ଗ୍ରନ୍ଥ, ନାଗରୀ ଆଦି ଲିପିର ମିଶ୍ରିତ ରୂପ ପ୍ରଚଳନ ହେଉଥିବା ବେଳେ ଏହି ସମୟ ବେଳକୁ ତେଲୁଗୁ, କନ୍ନଡ଼ ଆଦି ଲିପି ତତ୍‌କାଳୀନ କଳିଙ୍ଗ ବା ପ୍ରତ୍ନ ଓଡ଼ିଆରୁ ବିଚ୍ଛିନ୍ନ ହୋଇ ନିଜର ମୌଳିକ ସତ୍ତା ଧିରେଧିରେ ପ୍ରକାଶ କରିବାରେ ଲାଗିଲା। ପଞ୍ଚଦଶ ଶତାବ୍ଦୀର ପ୍ରଚଳିତ ମୌଳିକ ଓଡ଼ିଆ ଭାଷା ସଂପର୍କରେ ଜାଣିବାକୁ ହେଲେ ଏହି ସମୟ ଭିତରେ ଖୋଦିତ ଶିଳାଲେଖ ଗୁଡ଼ିକର ଲିପି ଓ ଭାଷାତାତ୍ତ୍ୱିକ ଅଧ୍ୟୟନ କରିବା ନିତାନ୍ତ ଜରୁରୀ। ଏହି ସମୟ ବେଳକୁ ଓଡ଼ିଆ ଲିପି ନିଜର ମୌଳିକ ରୂପ ଭାବରେ ଗୋଲାକାର ରୂପ ନେଇଥିବାର ପ୍ରମାଣ କପିଳେନ୍ଦ୍ରଦେବଙ୍କ ଶିଳାଲେଖରୁ ମିଳିଥାଏ।

# ୪.୫ ଓଡ଼ିଆ ଲିପିର ସୃଷ୍ଟି, ଆକୃତି, ପ୍ରାପ୍ତିସ୍ଥାନ, ଐତିହାସିକ ବିବର୍ତ୍ତନ ଓ ମୌଳିକତା

ଓଡ଼ିଆ ଲିପି ଅନ୍ୟ ସହୋଦର ଲିପିଗୁଡ଼ିକ ପରି ପ୍ରାଚୀନ ଭାରତର ବ୍ରାହ୍ମୀଲିପିରୁ ବିବର୍ତ୍ତିତ ହୋଇ ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦୀଠାରୁ ଆରମ୍ଭ କରି ଚତୁର୍ଦ୍ଦଶ ଶତାବ୍ଦୀ ପର୍ଯ୍ୟନ୍ତ କେତେକ ସ୍ତରରେ ଗତି କରିଅଛି। ଓଡ଼ିଶା ଏବଂ ଭାରତର ବିଭିନ୍ନ ଅଞ୍ଚଳରୁ ପ୍ରାପ୍ତ ଅନେକ ଶିଳାଲେଖ ତଥା ତାମ୍ରଲେଖ ଏହି ସ୍ତର ଗୁଡ଼ିକର ସାକ୍ଷ୍ୟ ପ୍ରଦାନ କରନ୍ତି। ଗବେଷକ ଓ ଲିପି ତତ୍ତ୍ୱବିଦ୍‌ଙ୍କ ମତରେ ଖ୍ରୀଷ୍ଟପୂର୍ବ ୬ଷ୍ଠ ଶତାବ୍ଦୀରୁ ଖ୍ରୀଷ୍ଟାବ୍ଦ ଚତୁର୍ଦ୍ଦଶ ଶତାବ୍ଦୀ ପର୍ଯ୍ୟନ୍ତ ଦୀର୍ଘ ୨୦୦୦ ବର୍ଷ ଧରି ଓଡ଼ିଆ ଲିପି ସ୍ତରସ୍ତର ହୋଇ ବିକାଶ ଲାଭ କରିଅଛି। ଏହି ବିକାଶଧାରାକୁ ଛଅଗୋଟି ଐତିହାସିକ କାଳାନୁକ୍ରମରେ ବିଭକ୍ତ କରାଯାଇପାରେ।

୧. ବ୍ରାହ୍ମୀଲିପି (ଖ୍ରୀ.ପୂ: ୬ଷ୍ଠ ଶତାବ୍ଦୀଠାରୁ ଖ୍ରୀଷ୍ଟାବ୍ଦ ୩ୟ ପର୍ଯ୍ୟନ୍ତ)
୨. ଗୁପ୍ତଲିପି (ଖ୍ରୀଷ୍ଟାବ୍ଦ ତୃତୀୟ ଶତାବ୍ଦୀଠାରୁ ଷଷ୍ଠ ଶତାବ୍ଦୀ ପର୍ଯ୍ୟନ୍ତ)
୩. ସୂକ୍ଷ୍ମକୋଣ ଲିପି (ଖ୍ରୀଷ୍ଟାବ୍ଦ ଷଷ୍ଠ ଶତାବ୍ଦୀଠାରୁ ଏକାଦଶ ଶତାବ୍ଦୀ ପର୍ଯ୍ୟନ୍ତ) (କୁଟୀଳ ଲିପି)
୪. ମାଗଧୀ ଲିପି (ଏକାଦଶ ଶତାବ୍ଦୀଠାରୁ ଚତୁର୍ଦ୍ଦଶ ଶତାବ୍ଦୀ ପର୍ଯ୍ୟନ୍ତ) (ପ୍ରତ୍ନ ଓଡ଼ିଆ ଲିପି)
୫. ପ୍ରାଚୀନ ଓଡ଼ିଆ ଲିପି (ଚତୁର୍ଦ୍ଦଶ ଶତାବ୍ଦୀଠାରୁ ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ)
୬. ଆଧୁନିକ ଓଡ଼ିଆ ଲିପି (ଷୋଡ଼ଶ ଶତାବ୍ଦୀଠାରୁ ଅଦ୍ୟାବଧି)

ପ୍ରଥମ କାଳାନୁକ୍ରମରେ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀଠାରୁ ଖ୍ରୀଷ୍ଟାବ୍ଦ ୩ୟ ଶତାବ୍ଦୀ ପର୍ଯ୍ୟନ୍ତ ବ୍ରାହ୍ମୀଲିପିରୁ ଓଡ଼ିଆ ଲିପିର ଉତ୍ପତ୍ତି ଘଟିଥିଲା। ଓଡ଼ିଆମାନେ ଲିପି ବା ବର୍ଣ୍ଣକୁ ଅକ୍ଷର ବ୍ରହ୍ମର ମାନ୍ୟତା ପ୍ରଦାନ କରିଥିଲେ।

ବସ୍ତୁତଃ ପ୍ରତ୍ୟେକ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଲିପି ମଧ୍ୟରେ ଗୋଟିଏ ଅନ୍ତବର୍ତ୍ତୀ ସ୍ତର ଅଛି ! କାରଣ ପ୍ରତ୍ୟେକ ସ୍ତର କ୍ରମଶଃ ଅଲକ୍ଷ୍ୟ ଭାବରେ ପରବର୍ତ୍ତୀ ସ୍ତରରେ ବିବର୍ତ୍ତିତ ହୁଏ। ଅଧିକନ୍ତୁ ଉଲ୍ଲିଖିତ କାଳବିଭାଜନ ପ୍ରାୟିକ ଭାବରେ ଗ୍ରହଣୀୟ ଏବଂ କ୍ୱଚିତ୍ ଏକ ସ୍ତର ଅନ୍ୟ ସ୍ତର ସହିତ ସମାନ୍ତରାଳରେ ଗତି କରିବାର ଦୃଷ୍ଟିଗୋଚର ହୁଏ। ଏହି ପ୍ରସଂଗରେ ଏହା ଉଲ୍ଲେଖନୀୟ ଯେ, ମାଗଧୀଲିପି ଏବଂ ସମ୍ଭବତଃ ସୂକ୍ଷ୍ମକୋଣୀ ଲିପି ନିଜର ପରବର୍ତ୍ତୀ ଅବସ୍ଥାରେ ସମୟେ ସମୟେ ନାଗରୀ ଲିପି ଦ୍ୱାରା ପ୍ରଭାବିତ ହେଉଥିଲା।

ଖ୍ରୀଷ୍ଟାବ୍ଦ ପ୍ରଥମ ଶତାବ୍ଦୀରୁ ହିଁ ଭାରତର ବ୍ରାହ୍ମୀଲିପିରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳେ। ଏହାର ସ୍ପଷ୍ଟ ଉଦାହରଣ କୁଶାଣ - ଖୋଦିତ ଲେଖାରେ ଦୃଷ୍ଟିଗୋଚର ହୁଏ। ସାଧାରଣତଃ କୁଶାଣ ସମ୍ରାଟମାନଙ୍କ ସହିତ ଏହି ଲିପିର ସମ୍ବନ୍ଧ ସ୍ଥାପିତ ହୋଇଅଛି। ଅତଏବ, କୁହାଯାଇପାରେ ଯେ ବ୍ରାହ୍ମୀଲିପି ନିମ୍ନଲିଖିତ ଦୁଇଟି ଅବସ୍ଥାରେ ଦୃଷ୍ଟିଗୋଚର ହୁଏ।

(କ) ପୂର୍ବବର୍ତ୍ତୀ ବ୍ରାହ୍ମୀ ବା ମୌର୍ଯ୍ୟ ବ୍ରାହ୍ମୀ (ଅଶୋକଙ୍କ ଖୋଦିତ ଲେଖାବଳୀରେ ରହିଛି)
(ଖ) ପରବର୍ତ୍ତୀ ବ୍ରାହ୍ମୀ ବା କୁଶାଣ ବ୍ରାହ୍ମୀ

ଓଡ଼ିଶାର ନିମ୍ନଲିଖିତ ଶିଳାଲେଖଗୁଡ଼ିକ 'ପୂର୍ବବର୍ତ୍ତୀ ବ୍ରାହ୍ମୀ' ଲିପିରେ ଲିଖିତ।

(**କ**) ପୁରୀ ଜିଲ୍ଲାର ଭୁବନେଶ୍ୱର ନିକଟବର୍ତ୍ତୀ ଧଉଳି ଓ ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁର ନିକଟବର୍ତ୍ତୀ ଜଉଗଡ଼ରେ ସମ୍ରାଟ ଅଶୋକଙ୍କ ଦ୍ୱାରା ପର୍ବତଗାତ୍ରରେ ଖୋଦିତ ଅନୁଶାସନ ଏହାର ସମୟସୀମା ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦୀ।

(**ଖ**) ପୁରୀ ଜିଲ୍ଲାର ଭୁବନେଶ୍ୱରର ଅତି ନିକଟବର୍ତ୍ତୀ (ବର୍ତ୍ତମାନର ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ) ଉଦୟଗିରିରେ ଖୋଦିତ ସମ୍ରାଟ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖ ଏବଂ କେତେକ କ୍ଷୁଦ୍ରକ୍ଷୁଦ୍ର ଶିଳାଲେଖ ଯାହାର ସମୟସୀମା ଖ୍ରୀଷ୍ଟପୂର୍ବ ୧ମ ଶତାବ୍ଦୀ।

– ଖାରବେଳକାଳୀନ ଅଭିଲେଖଗୁଡ଼ିକରେ ପୂର୍ବବର୍ତ୍ତୀ ବ୍ରାହ୍ମୀ ଲିପିର ମୌଳିକ ଅକ୍ଷରଗୁଡ଼ିକର ବହୁତ ପରିବର୍ତ୍ତନ ଦେଖିବାକୁ ମିଳେ। ବାଲେଶ୍ୱର ଜିଲ୍ଲାର ଭଦ୍ରକ ଠାରେ (ବର୍ତ୍ତମାନର ଭଦ୍ରକ ଜିଲ୍ଲା) ପ୍ରାପ୍ତ ମହାରାଜ ଗଣଙ୍କର ରାଜତ୍ୱର ଅଷ୍ଟମ ବର୍ଷରେ ଖୋଦିତ ଶିଳାଲେଖରେ କୁଶାଣ-ବ୍ରାହ୍ମୀ ଲିପିର ନିଦର୍ଶନ ମିଳେ। ଲିପି ତତ୍ତ୍ୱ ଦୃଷ୍ଟିରୁ ଏହି କ୍ଷୁଦ୍ର ଶିଳାଲେଖର ସମୟ ଖ୍ରୀ:ଅ: ୩ୟ ଶତାବ୍ଦୀ ବୋଲି ଗ୍ରହଣୀୟ (ଏହା ଏପିଗ୍ରଫିଆ ଇଣ୍ଡିକାର ୨୯ଶ ଖଣ୍ଡର ୨୩ଶ ଭାଗରେ ପ୍ରକାଶିକ)। ଉତ୍ତର ଭାରତର ଗୁପ୍ତ ସମ୍ରାଟଗଣ ତଥା ସେମାନଙ୍କର ଅଧୀନ ଏବଂ ସମସାମୟିକ ରାଜନ୍ୟ ବର୍ଗଙ୍କର ପ୍ରାପ୍ତ ଖୋଦିତ ଲେଖଗୁଡ଼ିକରେ ଲିପି ବିକାଶର ପରବର୍ତ୍ତୀ ସ୍ତର ଦୃଷ୍ଟିଗୋଚର ହୁଏ। ଏଥିପାଇଁ ଗୁପ୍ତଯୁଗର ଉତ୍ତର ଭାରତୀୟ ଅଭିଲେଖଗୁଡ଼ିକର ଲିପିକୁ 'ଗୁପ୍ତଲିପି' କୁହାଯାଏ। ଲ, ଷ, ହ ଆଦି କେତେକ ଅକ୍ଷରକୁ ଭିତ୍ତି କରି ବା ଅବଲମ୍ବନ କରି ଏହି ଲିପିକୁ ପ୍ରାଚ୍ୟ ଏବଂ ପ୍ରତୀକ ଏହି ଦୁଇଭାଗରେ ବିଭକ୍ତ କରାଯାଇପାରେ। ମୁଖ୍ୟତଃ ନିମ୍ନଲିଖିତ ଅଭିଲେଖଗୁଡ଼ିକରେ ଗୁପ୍ତଲିପି ବ୍ୟବହୃତ ହୋଇଛି।

(କ) କଳାହାଣ୍ଡିରୁ ପ୍ରାପ୍ତ ମହାରାଜ ତୁଷ୍ଟିକରଙ୍କ ତାମ୍ର ପତ୍ର। ସନ ୧୯୪୭ରେ ଏହା ତତ୍‌କାଳୀନ ଗଡ଼ଜାତ କଳାହାଣ୍ଡିରୁ ଆବିଷ୍କୃତ ହୋଇ ବଲାଙ୍ଗୀର ପାଟଣାରୁ ପ୍ରକାଶିତ ହେଉଥିବା କଳିଙ୍ଗ ଐତିହାସିକ ଗବେଷଣା ସମିତିର ପତ୍ରିକାରେ ପ୍ରକାଶିତ ହୋଇଥିଲା। ଏଥିରେ ବର୍ଷର ଉଲ୍ଲେଖ ନାହିଁ। ଲିପିତତ୍ତ୍ୱ ଦୃଷ୍ଟିରୁ ଏହା ପ୍ରାୟ ଚତୁର୍ଥ ଶତାବ୍ଦୀର ବୋଲି କୁହାଯାଇପାରେ।

(ଖ) ୨୫୦ ଗୁପ୍ତାବ୍ଦ (୫୬୯-୭୦ ଖ୍ରୀଷ୍ଟାବ୍ଦ)ର ଧର୍ମରାଜଙ୍କ ତାମ୍ରପତ୍ର। ଏହା ଗଞ୍ଜାମ ଜିଲ୍ଲାର ଜଉଗଡ଼ ନିକଟବର୍ତ୍ତୀ ସୁମଣ୍ଡଳ ଗ୍ରାମ ନିକଟରେ ଏକ ସ୍ତୁପରୁ ଆବିଷ୍କୃତ ହୋଇଥିଲା। ଏହାର ସର୍ବପ୍ରଥମ ପ୍ରକାଶନ ବ୍ରହ୍ମପୁରରୁ 'ମନୋରମା' ନାମକ ସଂସ୍କୃତ ପତ୍ରିକାର ପ୍ରଥମଖଣ୍ଡ ୧ମ ସଂଖ୍ୟାରେ ପ୍ରଥମେ ପ୍ରକାଶିତ ହୋଇଥିଲା। (ଏପିଗ୍ରାଫିଆ ଇଣ୍ଡିକା-୨୮ ଖଣ୍ଡ, ୭୯ ପୃଷ୍ଠା)

(ଗ) ୨୬୦ ଗୁପ୍ତାବ୍ଦ (୫୭୯-୮୦)ରେ ସୋରରୁ ପ୍ରାପ୍ତ ମହାରାଜ ଶମ୍ଭୁଦଶଙ୍କ ତାମ୍ରପତ୍ର ଏହା ବାଲେଶ୍ୱର ଜିଲ୍ଲାର ସୋରୋ ନାମକ ସ୍ଥାନର ନିକଟରୁ ଅନ୍ୟ ତିନିଗୋଟି ତାମ୍ରପତ୍ର ସହିତ ପ୍ରାପ୍ତ ହୋଇଥିଲା। (ଏପିଗ୍ରାଫିଆ ଇଣ୍ଡିକା -୨୩ ଖଣ୍ଡ, ୧୯୭ ପୃଷ୍ଠା)

(ଘ) ୨୮୦ ଗୁପ୍ତାବ୍ଦ (୫୯୯ ଖ୍ରୀ:ଅ:)ର ଲୋକବିଗ୍ରହଙ୍କର କଣାସ ତାମ୍ରପତ୍ର। ଏହା ପୁରୀ ଜିଲ୍ଲାର କଣାସ ଗ୍ରାମରୁ ପ୍ରାପ୍ତ ହୋଇଥିଲା। ତାମ୍ରପତ୍ର ସହିତ ଏହାର ବିବରଣୀ କଳିଙ୍ଗ ଐତିହାସିକ ଗବେଷଣା ସମିତିର ପତ୍ରିକା (ଜାନୁୟାରୀ ୧୯୫୦)ରେ ପ୍ରକାଶିତ।

(ଙ) ଶିବରାଜଙ୍କ କଟକ ଜିଲ୍ଲାର ପଟିଆକିଲା ତାମ୍ରଲେଖ (ଗୁପ୍ତାବ୍ଦ ୨୮୩-ଖ୍ରୀ:ଅ:୬୦୨)। ଏହା ଏପିଗ୍ରାଫିଆ ଇଣ୍ଡିକା ୯ମ ଖଣ୍ଡର ୨୮୫ ପୃଷ୍ଠାରେ ପ୍ରକାଶିତ।

ଗୁପ୍ତଯୁଗର ଗଞ୍ଜାମ ଚିକାକୋଲ (ଶ୍ରୀକାକୁଳମ୍) ଅଞ୍ଚଳରେ ପ୍ରାପ୍ତ କେତେକ ଅଭିଲେଖରେ (ଯଥା-କଳିଙ୍ଗର ମାଠର ରାଜାମାନଙ୍କ ଅଭିଲେଖରେ) କେତେକ ଦକ୍ଷିଣୀ ଲକ୍ଷଣ ଦୃଷ୍ଟିଗୋଚର ହୁଏ। ଏଗୁଡ଼ିକ ଓଡ଼ିଆ ଲିପିର ବିବର୍ତ୍ତନରେ ବିଶେଷ ପ୍ରଭାବ ପକାଇ ନାହାନ୍ତି। 'ପରବର୍ତ୍ତୀ କଳିଙ୍ଗ ଲିପି' (୭ମ ଶତାବ୍ଦୀଠାରୁ ୧୨ଶ ଶତାବ୍ଦୀ ପର୍ଯ୍ୟନ୍ତ) - ଶେଷୋକ୍ତ ଅଞ୍ଚଳରେ ଏହାର ବିକାଶ ଘଟିଥିଲା ଏବଂ ଏହା ଦକ୍ଷିଣୀ ବର୍ଣ୍ଣମାଳା ଦ୍ୱାରା ବିଶେଷ ପ୍ରଭାବିତ ହୋଇଥିଲା। ଗଞ୍ଜାମ ଏବଂ ଭିଜାଖାପାଟମ୍ (ବିଶାଖାପାଟଣା) ଅଞ୍ଚଳର ପ୍ରାଚୀନ ଓଡ଼ିଆ ଲିପିରେ ମିଳୁଥିବା କେତେକ ଅକ୍ଷର ଏହି ଲିପିରୁ ଆସିଥିବା ଅନୁମିତ ହୁଏ।

ସପ୍ତମ ଶତାବ୍ଦୀରୁ ଏକାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଉତ୍ତର ଭାରତର ଅନେକ ଅଭିଲେଖରେ ବ୍ୟବହୃତ ବର୍ଣ୍ଣମାଳାରେ କେତେକ ପ୍ରଧାନ ଓ ବିଶିଷ୍ଟ ଲକ୍ଷଣ ଦେଖାଯାଏ। ଏହି ଲକ୍ଷଣଗୁଡ଼ିକ ଯୋଗୁଁ ଏହି ବର୍ଣ୍ଣମାଳା, କୀଳକ-ଶୀର୍ଷକ, କଣ୍ଟକ-ଶୀର୍ଷକ, ସୂକ୍ଷ୍ମକୋଣୀ, ସିଦ୍ଧମାତୃକା ଏବଂ କୁଟୀଳ ନାମରେ ଅଭିହତ କରାଯାଏ।

ସପ୍ତମ ଶତାବ୍ଦୀରେ ସୂକ୍ଷ୍ମକୋଣୀ ଲିପିରେ ସାଧାରଣତଃ କୀଳକ ଶୀର୍ଷ ଦୃଷ୍ଟିଗୋଚର ହୁଏ। ଏପରି ଲିପି ଓଡ଼ିଶାର ଶୈଳୋଦ୍‌ଭବବଂଶୀୟ ରାଜାମାନଙ୍କ ପ୍ରଦତ୍ତତାମ୍ରଶାସନରେ ପ୍ରାୟତଃ ମିଳେ। ଅଷ୍ଟମ-ନବମ ଶତାବ୍ଦୀରେ ମହେନ୍ଦ୍ରଗିରି ସଂଲଗ୍ନ ଅଞ୍ଚଳରେ କାଦମ୍ବବଂଶୀ ରାଜାମାନେ ଶାସନ କରୁଥିଲେ। ସେମାନେ ସୂକ୍ଷ୍ମକୋଣୀ ଲିପି ବ୍ୟବହାର କରିଛନ୍ତି। ଏଥିରୁ ହୃଦ୍‌ବୋଧ ହୁଏ ସପ୍ତମ-ଅଷ୍ଟମ ଓ ନବମ ଶତାବ୍ଦୀରେ ପଶ୍ଚିମ ପେଟିକାଶୀର ଲିପି, ଦକ୍ଷିଣ ଓଡ଼ିଶାରେ ସୂକ୍ଷ୍ମକୋଣୀ ଲିପି ଏବଂ କଙ୍ଗୋଦ ଅଞ୍ଚଳରେ କୁଟୀଳ ଲିପିର ବ୍ୟବହାର ଥିଲା।

ଓଡ଼ିଶାର ମଧ୍ୟାଞ୍ଚଳ ଓ ଉତ୍ତରାଞ୍ଚଳରେ ସିଦ୍ଧମାତୃକା ଓ କୁଟୀଳ ଲିପିର ବ୍ୟାପକ ବ୍ୟବହାର ସପ୍ତମ ଶତାବ୍ଦୀଠାରୁ ୧୧ଶ ଶତାବ୍ଦୀ ମଧ୍ୟରେ ହୋଇଥିଲା। ଏହି ଲିପିରୁ ଜଣାଯାଏ, ସେତେବେଳକୁ ବିକଶିତ ଧାରାରେ ଓଡ଼ିଆ ଲିପିର ମୂଳ ବ୍ରାହ୍ମୀ ଲିପି ସହିତ ସଂଯୋଗ ରହି ନଥିଲା। ଓଡ଼ିଶାର ଲିପିକାର, ଖୋଦେଇ ଶିଳ୍ପୀ, ଲେଖକ ଓ ସାଧାରଣ ଲୋକ ଏହି ଲିପିର ବ୍ୟବହାର କରିଥିଲେ। ଏହି ଲିପି ଆଧୁନିକ ଓଡ଼ିଆ ଅକ୍ଷର ନିକଟତର ଲିପି। ସେହି ସମୟରେ ଓଡ଼ିଶାରେ ଭୌମକର ସମ୍ରାଟ ଓ ସାମ୍ରାଜ୍ଞୀ ତଥା ସେମାନଙ୍କ ଅଧିନସ୍ଥ ମଣ୍ଡଳାଧୀପତଗଣ ରାଜତ୍ୱ କରୁଥିଲେ। ସେମାନେ ଶିଳାଲେଖ ଓ ତାମ୍ରଲିପି ଏହି ଲିପିରେ (ସିଦ୍ଧମାତୃକା ଓ କୁଟୀଳ ଲିପି)ରେ ଖୋଦନ କରାଇଥିଲେ। ହୃଦବୋଧ ହୁଏ, ସେତେବେଳକୁ ଓଡ଼ିଶା ଭୁଖଣ୍ଡ ଉତ୍ତର ତୋଷାଳୀ ଓ ଦକ୍ଷିଣ-ତୋଷାଳୀ ଦୁଇ ଭାଗରେ ବିଭକ୍ତ ତଥା ପାର୍ବତ୍ୟାଞ୍ଚଳ ସ୍ଥିତ ମଣ୍ଡଳରାଜ୍ୟ ସମୂହରେ ଓଡ଼ିଆ ଜାତି ଓ ଓଡ଼ିଆ ଭାଷା ସୁପ୍ରତିଷ୍ଠିତ ହୋଇ ସାରିଥିଲା। ଓଡ଼ିଶାର ଏହି ବୃହତ୍ ଅଞ୍ଚଳରେ ସିଦ୍ଧମାତୃକା ଲିପିକୁ ଜାତୀୟ ଲିପି ଭାବରେ ଗ୍ରହଣ କରାଯାଇଥିଲା। ସେତେବେଳେ ସଂସ୍କୃତ ରାଜକୀୟ ଭାଷା ଥିଲେ ମଧ୍ୟ ଓଡ଼ିଆ ଭାଷାର ବିଶେଷ ପ୍ରଭାବ ସକଳ ସ୍ତରରେ ଅନୁଭୂତ ହୋଇଥିଲା। ଓଡ଼ିଆ ସର୍ବସାଧାରଣତଃ ଭାଷାଥିଲା ଏବଂ ସିଦ୍ଧମାତୃକା ଲିପି ସର୍ବସାଧାରଣ ପାଠ କରିପାରୁଥିଲେ। ଫଳରେ ସେତେବେଳକୁ ସିଦ୍ଧମାତୃକା ଲିପିରେ ଓଡ଼ିଆ ଭାଷା ସାହିତ୍ୟ ସୃଷ୍ଟିର ସାମର୍ଥ୍ୟ ଲାଭ କରିସାରିଥିଲା। ସିଦ୍ଧାଚାର୍ଯ୍ୟଙ୍କ ବ୍ୟବହୃତ ଲିପି ହୋଇଥିବାରୁ ଏହି ଲୋକପ୍ରିୟ ଲିପିକୁ 'ସିଦ୍ଧମାତୃକା ଲିପି' କୁହାଗଲା। ସୋମବଂଶ ରାଜତ୍ୱର ଶେଷକାଳ ପର୍ଯ୍ୟନ୍ତ ଏହି ଲିପି ଓଡ଼ିଶାରେ ପ୍ରଚଳିତ ଥିଲା।

ଐତିହାସିକ ଦୃଷ୍ଟିକୋଣରୁ ପ୍ରାୟ ୭ମ ଶତାବ୍ଦୀ ବେଳକୁ ଚୀନ ଓ ତୀବତ୍ ସହିତ ଓଡ଼ିଶାର ସାଂସ୍କୃତିକ ସଂପର୍କ ପ୍ରତିଷ୍ଠିତ ହୋଇଥିଲା। ତିବ୍ବତୀୟ ଆସି ରତ୍ନଗିରିରେ ଲିପି ଶିକ୍ଷା କରିଥିଲେ ଏବଂ

ଓଡ଼ିଶାର ଲିଖନ ରୀତିକୁ ଅନୁକରଣ କରି ଓ୍ୱାର୍ତ୍ତୁଲିପିକୁ ତିବ୍ବିତୀ ଭାଷାର ସମୃଦ୍ଧ ଲିଖନ ପଦ୍ଧତି ଭାବରେ ପ୍ରଚଳନ କରିଥିଲେ। ପ୍ରମାଣିତ ହୁଏ, ୭ମ ଶତାବ୍ଦୀରୁ ଓଡ଼ିଶାରେ ଏକ ସ୍ୱତନ୍ତ୍ର ଲିପିର ପ୍ରଚଳନ ଘଟିଥିଲା। ଯାହାକୁ ଆଧାର କରି ତିବ୍‌ତୀୟ ଓ୍ୱାତ୍‌ର୍ତୁଲିପିର ଉନ୍ନତି ଘଟିଛି। ଗୌରବର କଥା, ସପ୍ତମ ଶତାବ୍ଦୀରୁ ଓଡ଼ିଆ ଲିପି ଭାରତ ବାହାରେ ପ୍ରସାର ଲାଭ କରିଥିଲା। ଓଡ଼ିଶା କେବଳ ଅବସ୍ଥିତି ଦୃଷ୍ଟିରୁ ନୁହେଁ, ଭାଷା ଓ ଲିପି ଦୃଷ୍ଟିରୁ ମଧ ଭାରତରେ ଏକ ମୁଖ୍ୟ ରାଜ୍ୟ ଥିଲା। ଅନ୍ୟାନ୍ୟ ଅଞ୍ଚଳର ଲିପି ଓ ବର୍ଣ୍ଣମାଳା ଅପେକ୍ଷା ଏ ରାଜ୍ୟର ଲିପି ଓ ବର୍ଣ୍ଣମାଳାରେ ଅନେକ ପାର୍ଥକ୍ୟ ପରିଦୃଷ୍ଟ ହେଉଥିଲା। କଳିଙ୍ଗର ଗଂଗବଂଶୀୟ ରାଜାମାନେ ଖ୍ରୀଷ୍ଟପର ୧୧ଶ ଶତାବ୍ଦୀ ପର୍ଯ୍ୟନ୍ତ ବ୍ୟବହାର କରୁଥିବା ଲିପି ଉଭୟ ଉତ୍ତର-ଭାରତୀୟ ଓ ଦକ୍ଷିଣ-ଭାରତୀୟ ଲିପିର ସମନ୍ୱୟରେ ଆତ୍ମପ୍ରକାଶ କରିଥିଲା। ଏହାକୁ 'କଳିଙ୍ଗ ଲିପି' କୁହାଯାଏ। ଖ୍ରୀଷ୍ଟପର ୮ମ ଶତାବ୍ଦୀରୁ ୧୧ଶ ଶତାବ୍ଦୀ ମଧ୍ୟରେ ଏହା ଓଡ଼ିଶାରେ ପ୍ରଚଳିତ ଥିଲା। କଳିଙ୍ଗ ଲିପିର ପରବର୍ତ୍ତୀ ବିକାଶ ହେଉଛି ପ୍ରତ୍ନ-ପୂର୍ବଭାରତୀୟ ଲିପି। ଏହା ଖ୍ରୀଷ୍ଟପର ୧୧ଶ ଶତାବ୍ଦୀଠାରୁ ୧୪ଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାରେ ପ୍ରଚଳିତ ଥିଲା। ସୋମବଂଶୀ ଓ ଗଂଗବଂଶୀ ଶାସନକର୍ତ୍ତାମାନଙ୍କ ସମୟର ଅଭିଲେଖ ମାନଙ୍କରେ ରୈଖିକ ଓ କୋଣ ବିଶିଷ୍ଟ ଯେଉଁ ଲିପି ବ୍ୟବହୃତ, ତାହା ହିଁ ପ୍ରତ୍ନ-ପୂର୍ବଭାରତୀୟ ଲିପି।

ଐତିହାସିକଗଣ କହନ୍ତି ଯେ, ଓଡ଼ିଆ ଲିପି ନାଗରୀ ଲିପିରୁ ଉଦ୍ଭୂତ ହୋଇ ପଶ୍ଚିମରୁ ଆସି ସିଧା ଓଡ଼ିଶାରେ ବ୍ୟବହୃତ ହୋଇଥିଲା। ସୋମବଂଶ ଓ ଗଙ୍ଗବଂଶ ରାଜାମାନଙ୍କ ରାଜତ୍ୱ କାଳରେ ଯେଉଁ ରେଖା ଓ କୋଣ ବିଶିଷ୍ଟ ଲିପି ବ୍ୟବହୃତ ହେଉଥିଲା ତାହାକୁ ଭାଷାବିଦ୍ ଗୋଲକ ବିହାରୀ ଧଳ 'ପ୍ରତ୍ନ-ବେଙ୍ଗଲୀ' ଲିପି ବଦଳରେ ପ୍ରନ୍-ଉତ୍ତର-ପୂର୍ବ ଭାରତୀୟ ଲିପି ବୋଲି କହିଛନ୍ତି। ଆଉ ଏହି ପ୍ରନ୍ – ଉତ୍ତର - ପୂର୍ବ ଭାରତୀୟ ଲିପିରୁ କ୍ରମଶଃ ଓଡ଼ିଆ, ବଙ୍ଗଳା, ଅସମୀୟା ଓ ମୈଥିଳୀ ଭଳି ଭାଷାର ଲିପିରେ ବିକାଶ ଘଟିଛି।

ଗଙ୍ଗ ସମ୍ରାଟ ନରସିଂହ ଦେବଙ୍କ ଦାନପାତ୍ରରେ ବ୍ୟବହୃତ 'ପ୍ରନ୍ – ଉତ୍ତର - ପୂର୍ବ ଭାରତୀୟ' ଲିପିର ଉପରି ଭାଗ ସାମାନ୍ୟ ମୋଡ଼ି ହୋଇ ଯେଉଁ ଲିପିର ସୃଷ୍ଟି ହୋଇଥିଲା ସେଥିରୁ ଓଡ଼ିଆ ଲିପିର ପ୍ରାରମ୍ଭିକ ଅବସ୍ଥାର ସୂଚନା ମିଳେ। ତେବେ ଏହି ଶିଳାଲିପି ବେଳକୁ ଓଡ଼ିଆ ଲିପି ସମ୍ପୂର୍ଣ୍ଣ ବିକଶିତ ହୋଇ ନଥିଲା।

ପୁରୀ ମନ୍ଦିରର 'ଜୟ – ବିଜୟ' ତୋରଣର ଉତ୍ତର ପାର୍ଶ୍ୱରେ ଓଡ଼ିଆ ଭାଷାରେ ୧୨ ଗୋଟି ଶିଳାଲେଖ ଉତ୍କୀର୍ଣ୍ଣ ହୋଇଅଛି। ଏହି ଶିଳାଲେଖ ଗୁଡ଼ିକ ମଧ୍ୟରୁ ୧୪୩୬ ମସିହାରେ ଖୋଦିତ ଶିଳାଲେଖକୁ ସର୍ବପ୍ରଥମ ଶିଳାଲେଖ କୁହାଯାଉଛି। ବର୍ତ୍ତୁଳାକାର ଓଡ଼ିଆ ଲିପିର ଆତ୍ମପ୍ରକାଶ ଏହି ଶିଳାଲିପି ଗୁଡ଼ିକରେ ପ୍ରଥମ କରି ଦେଖିବାକୁ ମିଳିଥାଏ। ଚତୁର୍ଦ୍ଦଶ ଓ ପଞ୍ଚଦଶ ଶତାବ୍ଦୀ ବେଳକୁ ଓଡ଼ିଆ ଲିପିର ପୂର୍ଣ୍ଣ ବିକାଶ ସାଧିତ ହୋଇସାରିଥିଲା। ପ୍ରାଚୀନ ଶିଳାଲେଖ ଓ ତାମ୍ରପତ୍ର। ତାଳପତ୍ର ପୋଥିରୁ ଓଡ଼ିଆ ଲିପି ଓ ଭାଷାର କ୍ରମବିକାଶ, କ୍ରମବିବର୍ତ୍ତନ, ପ୍ରବୃତ୍ତି ଓ ତାଳ ପତ୍ର ପୋଥିରୁ ଓଡ଼ିଆ ଲିପି ଓ ଭାଷାର କ୍ରମବିକାଶ, କ୍ରମବିବର୍ତ୍ତନ, ପ୍ରବୃତ୍ତି ଓ ଲକ୍ଷଣ ପରିଦୃଷ୍ଟ ହୋଇଥାଏ।

ଆଲୋଚକ ଶ୍ରୀ ସୁରେନ୍ଦ୍ର ମହାନ୍ତି କହନ୍ତି - "କୋଣ ବିଶିଷ୍ଟ ଲିପିର ବ୍ୟବହାରରୁ, ଓଡ଼ିଆ ବଂଗଳା ଭାଷାର ଏକ ଶାଖା ବୋଲି ଅନେକ ପ୍ରମାଣ କରିବା ପାଇଁ ଅପଚେଷ୍ଟା କରିଛନ୍ତି; ମାତ୍ର ଏପରି ଯୁକ୍ତି କରିବା, ଯାହା ମହାବଳ ବାଘ ବା ରୟାଲ-ବେଙ୍ଗଲ-ଟାଇଗର କେବଳ କଲିକତାର ବଡ଼ ବଜାରରୁ ବାହାରି ଅନ୍ୟଆଡ଼େ ଉପନିବେଶ ବିସ୍ତାର କରିଛନ୍ତି ଅଥବା ବଂଗୋପ ସାଗର ବଂଗଳାର ଅଧିବାସୀମାନଙ୍କ

ଦ୍ୱାରା ଖୋଳା ହୋଇଛି ବୋଲି ଯୁକ୍ତି କରିବା ସେଇଆ। ତେଣୁ ଯଥାର୍ଥତାର ଦୃଷ୍ଟିରୁ ଏହି ଲିପିକୁ 'ପ୍ରତ୍ନ-ପୂର୍ବଭାରତୀୟ' ଲିପି କହିବା ହିଁ ଯୁକ୍ତିଯୁକ୍ତ ହେବ।" (ଓଡ଼ିଆ ସାହିତ୍ୟର ଆଦିପର୍ବ, ପୃଷ୍ଠା-୩୫)। ଏଣୁ ପ୍ରତ୍ନ-ପୂର୍ବ-ଭାରତୀୟ ଲିପିର ପରବର୍ତ୍ତୀ ବିକଶିତ ରୂପ ହେଉଛି ପ୍ରାଚୀନ ଓଡ଼ିଆ ଲିପି। ପୁନଶ୍ଚ ପ୍ରଫେସର ଡ.ଖଗେଶ୍ୱର ମହାପାତ୍ର କହନ୍ତି – 'ତାଳପତ୍ର ଉପରେ ଲୌହ ଲିକଡ଼ୀରେ ଲେଖିବା ଦୃଷ୍ଟିରୁ ଶୀର୍ଷମୁଣ୍ଡଳୀ ଓ କୋଣହୀନ ବକ୍ରରେଖରେ ଏବଂ ଅଳଙ୍କରଣ କିମ୍ବା ଏକାଧିକ ଅକ୍ଷରର ଆକୃତିଗତ ସାଦୃଶ୍ୟ ମଧ୍ୟରେ ସ୍ୱତନ୍ତ୍ରତା ପରିସ୍ଫୁଟନ ପାଇଁ ପୁଡ଼ା ଓ ପୁଚ୍ଛର ପ୍ରୟୋଜନ ଉପଲବ୍ଧି କରି ଓଡ଼ିଆ ଲିପିକାର ଏହି ସବୁ ଆଭୁଷଣର ଯଥାର୍ଥ ଉପଯୋଗ ସାଧନ କରିଥିଲେ। ସୁତରାଂ ଓଡ଼ିଆ ଲିପିର କୌଣସି ଏକ ବୈଶିଷ୍ଟ୍ୟ ପ୍ରତି ଦୃଷ୍ଟି ଦେଇ ଏହା ବଂଗଳା, ନାଗରୀ ବା ତାମିଲ ଲିପିରୁ ଉଦ୍ଭୁତ କହିବା ଉଚିତ ନୁହେଁ।" (ଓଡ଼ିଆ ଲିପି ଓ ଭାଷା, ପୃଷ୍ଠା-୧୨୭)

ଷୋଡ଼ଶ ଶତାବ୍ଦୀର ଶେଷଭାଗକୁ ପ୍ରାଚୀନ ଓଡ଼ିଆ ଲିପି କ୍ରମେକ୍ରମେ ଆଧୁନିକ ଓଡ଼ିଆ ଲିପିରେ ପରିଣତ ହୋଇଥିବା ଅନୁମିତ ହୁଏ। ଏଥିରେ ଅକ୍ଷର ବା ବର୍ଣ୍ଣର ଉପରି ଭାଗସ୍ଥ ଅନୁପ୍ରସ୍ଥ ରେଖା କ୍ରମେ ବର୍ତ୍ତୁଳ ରୂପ ଧାରଣ କରିଛି। ଫଳରେ ଏହି ଅକ୍ଷରର ଉପରିଭାଗ ବୃତ୍ତାଂଶ ବା ଗୋଲାକାରରେ ପରିଣତ ହୋଇଛି। ଏହାର କ୍ଷତିପୂରଣ ଲାଗି ଅକ୍ଷରର ତଳ ଅଂଶକୁ ଅପେକ୍ଷାକୃତ ଛୋଟ କରିବାକୁ ପଡ଼ିଛି। ଅକ୍ଷରକୁ ବୃର୍ତ୍ତଳରୂପ ଦେବାର ଉଦ୍ଦେଶ୍ୟ ହେଉଛି ତାଳପତ୍ରରେ ଲୌହଲିଖନୀ ସାହାଯ୍ୟରେ ସୁବିଧାରେ ଲିଖନ କାର୍ଯ୍ୟ କରିବା। ଖ୍ରୀଷ୍ଟୀୟ ୧୬ଶ ଶତାବ୍ଦୀରୁ ବିଂଶ ଶତାବ୍ଦୀର ପୂର୍ବାର୍ଦ୍ଧ ମଧ୍ୟରେ ଲିଖିତ ସହସ୍ର ସହସ୍ର ତାଳପତ୍ର ପୋଥି ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ଅଛି। ଓଡ଼ିଶାରେ ତାଳପତ୍ର ପୋଥି ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ଅଛି। ଓଡ଼ିଶାରେ ତାଳପତ୍ର ପୋଥି ପର୍ଯ୍ୟାପ୍ତ, ପରିମାଣରେ ଲିଖିତ ହେଉଥିବାରୁ ଓଡ଼ିଆ ଲିପି ସମୟକ୍ରମେ ବର୍ତ୍ତୁଳାକାର ଧାରଣ କରିଛି।

କାଗଜରେ ଲିଖନକାର୍ଯ୍ୟ ଆରମ୍ଭ ହେବାପରେ ତାଳପତ୍ରରେ ଲିଖନ କାର୍ଯ୍ୟ ହ୍ରାସ ପାଇଲା। ଖ୍ରୀଷ୍ଟୀୟ ୧୯ଶ ଶତାବ୍ଦୀର ପ୍ରାରମ୍ଭରେ ଓଡ଼ିଶା ପ୍ରଦେଶ ଇଂରେଜ ସରକାରର ଶାସନାଧୀ ହେଲା। ରାଜକାର୍ଯ୍ୟରେ କେତେକ ପରିବର୍ତ୍ତନ ଦେଖାଦେଲା। ସେଥିମଧ୍ୟରୁ ଲିଖନଭଂଗୀ ଏକତମ। ତାଳପତ୍ର ସ୍ଥାନରେ କାଗଜ ଓ ଲୌହ ଲେଖନୀ ସ୍ଥାନରେ କଲମ ବ୍ୟବହୃତ ହେଲା। ଲିଖନ ପ୍ରଣାଳୀକୁ ସହଜ, ସରଳ ଓ କ୍ଷିପ୍ର କରିବାକୁ ଚେଷ୍ଟା କରାଗଲା। କଲମମୁନ ବାରମ୍ବାର କାଗଜରୁ ଉଠାଇ ଅକ୍ଷରକୁ ପୃଥକ୍ ଭାବରେ ଲେଖିବା ରୀତି ପରିହାର କରି ସମୟ ବଂଚାଇବା ନିମନ୍ତେ ଗୋଟିଏ ଅକ୍ଷର ସହିତ ପର ଅକ୍ଷରକୁ ମିଶାଇ ଇଂରେଜୀ ରୀତିରେ ଓଡ଼ିଆ ଲେଖିବା ରୀତି ସମୟକ୍ରମେ ଉଦ୍ଭାବିତ ହେଲା। ଏଥି ନିମନ୍ତେ ପ୍ରଚଳିତ ଓଡ଼ିଆ ଲିପିରେ କେତେକ ପରିବର୍ତ୍ତନ ଆଣିବାକୁ ପଡ଼ିଲା। ଏହି ପରିବର୍ତ୍ତିତ ଲିପି 'କରଣୀ ଅକ୍ଷର' ବା 'ଛଟା ଅକ୍ଷର' ନାମରେ ଓଡ଼ିଶାରେ ଜଣାଶୁଣା। ଏ ଲିପି ଓଡ଼ିଶାର ଅଧିକାଂଶ ସାକ୍ଷର ବ୍ୟକ୍ତିଙ୍କୁ ଅଜଣା ଥିଲା। ଏହା କେବଳ ସୀମିତ ଥିଲା ତଦାନୀନ୍ତନ ଶାସନକାର୍ଯ୍ୟରେ ସାହାଯ୍ୟ କରୁଥିବା ନକଲକାରମାନଙ୍କ ମଧ୍ୟରେ। ଅଳ୍ପ କିଛି ବର୍ଷ ପୂର୍ବେ କେତେକ ବୟସ୍କ ମୋହରିର କଚେରୀରେ ଏହା ବ୍ୟବହାର କରୁଥିଲେ। ତେଣୁ କରଣୀ ଲିପି ହିଁ ଯଥାର୍ଥତଃ କଚେରୀ ଲିପି, ଯାହାର ବ୍ୟବହାର ଏବେ ପ୍ରାୟତଃ ବିଲୁପ୍ତ। ଊନବିଂଶ ଶତାବ୍ଦରେ ଓଡ଼ିଶାରେ ମୁଦ୍ରାଯନ୍ତ୍ରର ପ୍ରଚଳନ ହେଲା। ଯେଉଁ ଓଡ଼ିଆ ଅକ୍ଷର ସହିତ ଆମେ ଆଜି ଘନିଷ୍ଠ

ଭାବରେ ପରିଚିତ ଓ ଯେଉଁ ବର୍ଣ୍ଣମାଳା ଓଡ଼ିଆ ଶିଶୁ ଶିକ୍ଷା କରୁଛି, ତାହା ସ୍ଥାୟୀରୂପ ଲାଭ କରିଛି ମୁଦ୍ରାଯନ୍ତ୍ର ପ୍ରଚଳନ ହେବା ଫଳରେ।

ଉପଯ୍ୟୁକ୍ତ ଆଲୋଚନା ଭିତ୍ତିରେ ଏଠାରେ ସଂକ୍ଷିପ୍ତ ସୂଚନା ଦିଆଯାଇପାରେ ଯେ, ଖ୍ରୀଷ୍ଟପୂର୍ବ ଶତାବ୍ଦୀରୁ ଖ୍ରୀଷ୍ଟପର ଊନବିଂଶ ଶତାବ୍ଦୀ ମଧ୍ୟରେ ଓଡ଼ିଆ ଲିପି କ୍ରମବିକାଶ ପଥରେ ଆଗେଇ ଚାଲିଛି ଏବଂ ନିଜର ଲିପିଗତ ସ୍ୱତନ୍ତ୍ରତା ବଜାୟ ରଖିପାରିଛି।

## ୪.୬ ସାରାଂଶ

- ଉତ୍କଳର ରାଜଶାସନ ଓ ନଗର ସଭ୍ୟତା ସହିତ ଲିପିର ବିବର୍ତ୍ତନ ଘଟିଛି।
- ଭାରତୀୟ ଲିପିମାନଙ୍କ ମଧ୍ୟରେ ଓଡ଼ିଆ ଲିପି ତାର ଆକୃତିଗତ ସୌନ୍ଦର୍ଯ୍ୟ ପାଇଁ ସହଜରେ ବାରିହୋଇ ପଡ଼େ।
- କୌଣସି ଭାଷାର ପ୍ରକୃତ ସ୍ୱରୂପ ସେହି ଭାଷାରେ ଲିଖିତ ଶିଳାଲେଖ ସମୂହର ଭାଷାରେ ହିଁ ପ୍ରତିଫଳିତ ହୋଇଥାଏ।
- ଗୁମ୍ଫାଲେଖର ପରବର୍ତ୍ତୀ ରୂପ ହେଉଛି ଶିଳାଲେଖ।
- ଓଡ଼ିଆ ଲିପି ଓ ଭାଷାର ପ୍ରକୃତ ସ୍ୱରୂପ ସର୍ବପ୍ରଥମେ ଦେଖିବାକୁ ମିଳେ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖରେ।
- କପିଳେନ୍ଦ୍ର ଦେବ ଓଡ଼ିଆ ଭାଷାକୁ 'ରାଜଭାଷା' ଭାବରେ ଘୋଷଣା କରିଥିଲେ।
- ପ୍ରାଚୀନତମ ଓଡ଼ିଆ ଶିଳାଲେଖ ହେଉଛି ୨ୟ ବଜ୍ରହସ୍ତ ଦେବଙ୍କ ୧୦୫୧ ଖ୍ରୀଷ୍ଟାବ୍ଦରେ ଲିଖିତ ଉରଜାମ୍ ଶିଳାଲେଖ।
- ପଞ୍ଚଦଶ ଶତାବ୍ଦୀ ବେଳକୁ ଓଡ଼ିଆ ଲିପି ନିଜର ମୌଳିକ ରୂପ ଭାବରେ ଗୋଲାକାର ରୂପ ନେଇ ସାରିଥିଲା।
- ଶହଶହ ବର୍ଷ ଧରି ପ୍ରଚଳିତ ଓଡ଼ିଆ ଲିପିର ଭାଷାତାତ୍ତ୍ୱିକ ମୂଲ୍ୟ ସ୍ୱତନ୍ତ୍ର।
- ଲିପିର ବିକାଶ ଧାରାକୁ ଐତିହାସିକ କାଳ ଅନୁସାରେ ଛଅ ଭାଗରେ ବିଭକ୍ତ କରାଯାଇଛି।
- ପ୍ରତ୍ୟେକ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଲିପି ମଧ୍ୟରେ ଗୋଟିଏ ଅନ୍ତର୍ବର୍ତ୍ତୀ ସ୍ତର ଅଛି।
- ଖାରବେଳକାଳୀନ ଅଭିଲେଖ ଗୁଡ଼ିକରେ 'ପୂର୍ବବର୍ତ୍ତୀ ବ୍ରାହ୍ମୀ ଲିପି'ର ମୌଳିକ ଅକ୍ଷର ଗୁଡ଼ିକର ବହୁ ପରିବର୍ତ୍ତନ ଦେଖିବାକୁ ମିଳେ।
- ଗୁପ୍ତଯୁଗର ଉତ୍ତର-ଭାରତୀୟ ଅଭିଲେଖଗୁଡ଼ିକର ଲିପିକୁ 'ଗୁପ୍ତଲିପି' କୁହାଯାଏ।
- ସପ୍ତମ-ଅଷ୍ଟମ ଓ ନବମ ଶତାବ୍ଦୀରେ ପଶ୍ଚିମ-ଓଡ଼ିଶାରେ ପେଟିକାଶୀର ଲିପି, ଦକ୍ଷିଣ-ଓଡ଼ିଶାରେ ସୂକ୍ଷ୍ମକୋଣୀ ଲିପି ଏବଂ କଙ୍ଗୋଦ ଅଂଚଳରେ କୁଟୀଳ ଲିପିର ବ୍ୟବହାର ଥିଲା।
- ସିଦ୍ଧାଚାର୍ଯ୍ୟଙ୍କ ବ୍ୟବହୃତ ଲିପିକୁ 'ସିଦ୍ଧମାତୃକା ଲିପି' କୁହାଗଲା।

- ଐତିହାସିକ ଦୃଷ୍ଟିକୋଣରୁ ପ୍ରାୟ ସପ୍ତମ ଶତାବ୍ଦୀବେଳକୁ ଚୀନ ଓ ତୀବତ୍ ସହିତ ଓଡ଼ିଶାର ସାଂସ୍କୃତିକ ସଂପର୍କ ପ୍ରତିଷ୍ଠିତ ହୋଇଥିଲା ।
- ସପ୍ତମ ଶତାବ୍ଦୀରୁ ଓଡ଼ିଆ ଲିପି ଭାରତ ବାହାରେ ପ୍ରସାର ଲାଭ କରିଥିଲା ।
- ଭାଷା ଓ ଲିପି ଦୃଷ୍ଟିରୁ ଓଡ଼ିଶା ଭାରତରେ ଏକ ମୁଖ୍ୟ ରାଜ୍ୟ ଥିଲା ।
- ଓଡ଼ିଶାରେ ତାଳପତ୍ର ପୋଥି ପର୍ଯ୍ୟାପ୍ତ ପରିମାଣରେ ଲିଖିତ ହେଉଥିଲା ।
- ଊନବିଂଶ ଶତାବ୍ଦୀରେ ଓଡ଼ିଶାରେ 'ମୁଦ୍ରାଯନ୍ତ୍ର'ର ପ୍ରଚଳନ ହେଲା ।

## ୪.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

### (କ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ

(କ) ଓଡ଼ିଆ ଲିପିର ଉଦ୍ଭବ ସଂପର୍କରେ ସଂକ୍ଷେପରେ ଲେଖ ।

(ଖ) ଓଡ଼ିଆ ଲିପିର ବିକାଶରେ ଶିଳାଲେଖର ଭୂମିକାକୁ ସଂକ୍ଷେପରେ ବୁଝାଅ ।

(ଗ) ଓଡ଼ିଶାର କେଉଁ କେଉଁ ସ୍ଥାନରୁ ପ୍ରାଚୀନ ଓଡ଼ିଆ ଲିପି ଆବିଷ୍କୃତ ହୋଇଛି ?

(ଘ) ଓଡ଼ିଆର ପୂର୍ବବର୍ତ୍ତୀ ଲିପିର ସଂକ୍ଷିପ୍ତ ସୂଚନା ଦିଅ ।

(ଙ) ଲିପିର ଛଅଗୋଟି କାଳକ୍ରମିକ ବିକାଶଧାରା ଲେଖ ।

(ଚ) ଖାରବେଳଙ୍କ ସମୟରେ ବ୍ୟବହୃତ ଲିପି ସଂପର୍କରେ ସଂକ୍ଷିପ୍ତ ସୂଚନା ଦିଅ ।

(ଛ) ଓଡ଼ିଶାରେ ପ୍ରଚଳିତ ଅଭିଲେଖ ଗୁଡ଼ିକରେ 'ଗୁପ୍ତଲିପି' କେଉଁ କେଉଁ ସ୍ଥାନରୁ ମିଳିଛି, ସଂକ୍ଷେପରେ ବୁଝାଅ ।

(ଜ) 'ସୂକ୍ଷ୍ମକୋରୀ ଲିପି' - ସଂକ୍ଷିପ୍ତ ଟିପ୍‌ପଣୀ ଲେଖ ।

(ଝ) ସିଦ୍ଧମାତୃକା ଓ କୁଟୀଳ ଲିପିର ସମୟ ନିର୍ଦ୍ଧାରଣ କରି ଟିପ୍‌ପଣୀ ଲେଖ ।

(ଞ) ଆଧୁନିକ ଓଡ଼ିଆ ଲିପି କେବେ ବର୍ତ୍ତୁଳରୂପ ଧାରଣ କରିଛି ?

(ଟ) କାଗଜରେ ଲିଖନକାର୍ଯ୍ୟ ଆରମ୍ଭ ହେବା ପରେ ଓଡ଼ିଶାରେ ଲେଖା ସଂପର୍କରେ କି କି ପରିବର୍ତ୍ତନ ଦେଖାଗଲା ?

### (୨) ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ

(କ) ଓଡ଼ିଆ ଲିପିର ଉଦ୍ଭବ ଓ ବିକାଶ ସଂପର୍କରେ ବିସ୍ତାର କରି ବୁଝାଅ ।

(ଖ) ଓଡ଼ିଆ ଲିପିର ଐତିହାସିକ ବିବର୍ତ୍ତନ ଓ ମୌଳିକତା ସଂପର୍କରେ ବିଭିନ୍ନ ଉଦାହରଣ ଦେଇ ବୁଝାଅ ।

(ଗ) ଖାରବେଳଙ୍କ ସମୟର ଲିପି ଓ ଏହାର ପରବର୍ତ୍ତୀ ଲିପିର ବିକାଶ ଚିତ୍ର ପ୍ରଦାନ କର ।

(ଘ) ବିଭିନ୍ନ ସମୟର ଅଭିଲେଖ ଗୁଡ଼ିକର ନାମ ଓ ସମୟ ନିର୍ଣ୍ଣୟ କର ।

(ଙ) ସପ୍ତମ ଶତାବ୍ଦୀରୁ ଏକାଦଶ ଶତାବ୍ଦୀ ମଧ୍ୟରେ ଓଡ଼ିଆ ଲିପିର ବିକଶିତ ରୂପ ସଂପର୍କରେ ଆଲୋଚନା କର ।

## ୪.୮ ସହାୟକ ଗ୍ରନ୍ଥସୂଚୀ


- ଓଡ଼ିଆ ସାହିତ୍ୟର ଇତିହାସ : ଡ. ସୁରେନ୍ଦ୍ର କୁମାର ମହାରଣା
- ଓଡ଼ିଆ ଭାଷାତତ୍ତ୍ୱ ଓ ଲିପିର ବିକାଶ : ଡ. କୁଞ୍ଜବିହାରୀ ତ୍ରିପାଠୀ
- ଓଡ଼ିଆ ଲିପି ଓ ଭାଷା : ଡ. ଖଗେଶ୍ୱର ମହାପାତ୍ର
- ଓଡ଼ିଆ ସାହିତ୍ୟ ପରିଚୟ : ଡ. ସୁବ୍ରତ କୁମାର ପୁଷ୍ଟି
- ଓଡ଼ିଆ ସାହିତ୍ୟର ଆଦିପର୍ବ : ସୁରେନ୍ଦ୍ର ମହାନ୍ତି
- ଓଡ଼ିଆ ଲିପିର କ୍ରମବିକାଶ : ଡ. ସତ୍ୟନାରାୟଣ



ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

**Odisha State Open University, Sambalpur**

www.osou.ac.in

e-mail: info@osou.ac.in